## ଧାନମଣ୍ଡଳ ସରପଞ୍ଚ ଦାୟିତ୍ୱରେ ବ୍ଲକ୍ ସମ୍ପ୍ରସାରଣ ଅଧିକାରୀ

**ଚଣ୍ଡିଖୋଲ,(ଡି.ଏନ.ଏ.):** ବଡ଼ଚଣା ବ୍ଲକ ଅଧୀନ ଧାନମଣ୍ଡଳ ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ନିର୍ବାଚନ ହୋଇନାହିଁ। ଫଳରେ ଏହି ପଞ୍ଚାୟତର ସରପଞ୍ଚ ପଦ ଖାଲି ପଡ଼ିଛି। ତେବେ ସରପଞ୍ଚ ନିର୍ବାଚନ ହେବା ପର୍ଯ୍ୟନ୍ତ ପଞ୍ଚାୟତର ବିଭିନ୍ନ ଉନ୍ନତୀମୂଳକ କାର୍ଯ୍ୟ ପାଇଁ ବୁଧବାର ବ୍ଲକ ସମ୍ପ୍ରସାରଣ ଅଧିକାରୀ ଅମିୟ ରଞ୍ଜନ ନାଥଙ୍କୁ ଦାୟିତ୍ୱ ଦିଆଯାଇଛି। ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୬୧୬ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏହି ପଞ୍ଚାୟତରୁ ସରପଞ୍ଚ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବା ସରୋଜ ସ୍ୱାଇଁଙ୍କ ପରଲୋକ ହୋଇଥିଲା। ଫଳରେ ପଞ୍ଚାୟତରେ ନିର୍ବାଚନ ବନ୍ଦ ରହିଥିଲା। ଏଠାରେ ପୁନଃ ସରପଞ୍ଚ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ।

### ସଂକ୍ଷେପରେ

## ପରିତ୍ୟକ୍ତ କୂଅରୁ ବାର୍‌ହା ଉଦ୍ଧାର

**ଧର୍ମଶାଳା/ଜେନାପୁର,୬।୪(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଗଡ଼ମଧୁପୁର ବନ ବିଭାଗ ଅଧୀନ ଅଞ୍ଜିରା ପଞ୍ଚାୟତ ମୁରାରୀପୁର ଗ୍ରାମର କୈଳାସ ଜେନାଙ୍କ ପରିତ୍ୟକ୍ତ କୂଅରୁ ବୁଧବାର ଏକ ବାର୍‌ହାକୁ ଉଦ୍ଧାର କରାଯାଇ ଜଙ୍ଗଲରେ ଛଡ଼ାଯାଇଛି। ମଙ୍ଗଳବାର ରାତିରେ ଜଙ୍ଗଲି ବାର୍‌ହାଟି ଖାଦ୍ୟ ଅନ୍ୱେଷଣରେ ଜନବସତି ଅଞ୍ଚଳକୁ ଆସିଥିବାବେଳେ କୂଅରେ ଖସି ପଡ଼ିଥିଲା। ଏନେଇ ଗ୍ରାମବାସୀ ବନ ବିଭାଗ କର୍ମଚାରୀ ଓ ଜେନାପୁର ପୋଲିସକୁ ଖବର ଦେଇଥିଲେ। ଗଡ଼ମଧୁପୁର ବନ କର୍ମଚରୀ ଓ ପୋଲିସ ପହଞ୍ଚି ବାର୍‌ହାକୁ ଉଦ୍ଧାର କରିଥିଲେ। ବାର୍‌ହାଟି ଗଡ଼ମଧୁପୁର ଜଙ୍ଗଲରୁ ଆସିଥିବା ଅନୁମାନ କରାଯାଉଛି। ଉଦ୍ଧାର ପରେ ବାରାହାକୁ ପ୍ରାଥମିକ ଚିକିତ୍ସା କରାଯାଇ ନିକଟସ୍ଥ ଫୁଲ ଛାଞ୍ଚୁଣିଆ ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ବନଅଧିକାରୀ ମହମ୍ମଦ ସାକିର ହୋସେନ ସୂଚନା ଦେଇଛନ୍ତି।

## ଓଳାଶୁଣୀ ପାହାଡ଼ ଗୁଳିକାଣ୍ଡ, ଶେଷ ଅଭିଯୁକ୍ତ ଗିରଫ

**ଚଣ୍ଡିଖୋଲ,୬।୪(ଡି.ଏନ.ଏ.):** ଓଳାଶୁଣୀ ପାହାଡ଼ ଗୁଳିମାଡ଼ ଘଟଣାରେ ବାଲିଚନ୍ଦ୍ରପୁର ପୋଲିସ ଶେଷ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଡେରାବିଶ ଥାନା ଅନ୍ତର୍ଗତ ଚାତ୍ରଚକଡ଼ା ଗ୍ରାମର ବାପି ଓରଫ୍ ସୋମନାଥ ମହାନ୍ତି। ତାଙ୍କୁ ଚଣ୍ଡିଖୋଲଛକରୁ ଗିରଫ କରାଯାଇଛି। ସୋମନାଥ ପୋଲିସକୁ ଚକମା ଦେଖାଇ ଦୀର୍ଘଦିନ ହେବ ଫେରାର ଥିଲେ। ବୁଧବାର ସେ ଚଣ୍ଡିଖୋଲରେ ଥିବା କୌଣସି ସୂତ୍ରରୁ ଖବର ପାଇ ଥାନାଧିକାରୀ ରମାକାନ୍ତ ମୁଦୁଲିଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉ କରିଥିଲା। ପୂର୍ବରୁ ଏହି ଘଟଣାରେ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ୨୦୨୧ ଅକ୍ଟୋବର ୩ ତାରିଖ ଦିନ ଏହି ଥାନା ଓଳାଶୁଣୀ ପାହାଡ଼ର ପୂର୍ବପଟେ ବନ୍ଦରେଶ୍ୱର ଗ୍ରାମର ଜଣେ ଯୁବକ ମାଛ ଶୁଖାଇବାକୁ କେନ୍ଦ୍ରକରି ଗୁଳିମାଡ଼ ହୋଇଥିଲା।

## ଟ୍ରେନ୍ ଧକ୍କାରେ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ

**ରସୁଲପୁର,୬।୪(ଡି.ଏନ.ଏ.):** କୁଆଖିଆ ଥାନା ରାହାମ୍ଭା ପଞ୍ଚାୟତ ଡିଅ କୁରାଂଶ(ପୋଡ଼ପୋଡ଼ା)ଗ୍ରାମର ଦୋଳଗୋବିନ୍ଦ ବାରିକଙ୍କ ଇଂଜିନିୟରିଂ ପଢୁଆ ପୁଅ ସଚିନ ତାନବିର ବାରିକ(୧୯)ଙ୍କ ବୁଧବାର ଟ୍ରେନ୍ ଧକ୍କାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଅପରାହ୍ନରେ ଯାଜପୁର



ରୋଡ୍ ରେଲୱେ ଷ୍ଟେଶନରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖି ରେଲୱେ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ପକ୍ଷରୁ ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଛି। ମୃତଦେହ ଚିହ୍ନଟ ବିଳମ୍ବ ହେବାରୁ ବ୍ୟବଚ୍ଛେଦ ହୋଇ ପାରିନାହିଁ। ଗୁରୁବାର ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ସଚିନ ଯାଜପୁରରୋଡସ୍ଥିତ ଏକ ଘରୋଇ ଇଂଜିନିୟରିଂ କଲେଜରେ ପଢୁଥିଲେ। ସେ ବୁଧବାର ସକାଳ ୧୦ଟାରେ ଘରୁ କଲେଜ ଯାଇଥିଲେ। ମାତ୍ର ଅପରାହ୍ନରେ ତାଙ୍କ ମୃତ୍ୟୁ ଖବର ଘରେ ପହଞ୍ଚିଥିଲା। ମୃତ ଯୁବକ ଟ୍ରେନ ସମ୍ମୁଖକୁ ଡେଇଁ ଆତ୍ମହତ୍ୟା କରିଥିବା ନେଇ ସନ୍ଦେହ ସୃଷ୍ଟି ହେଉଛି। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ତଦନ୍ତ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି କୁହାଯାଉଛି।

# ପ୍ରକଳ୍ପ ଥାଇ ବି ପାଣି ପାଇଁ ହାହାକାର

**ଯାଜପୁର ଅଫିସ,୬।୪**

- କାମ ସରିଛି, ବର୍ଷେ ପରେ ବି କାର୍ଯ୍ୟକ୍ଷମ ହେଉନି
- ଗେଙ୍ଗୁଟିଆ, ଭରତପୁର ଗ୍ରାମବାସୀ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ

ବର୍ଷ ଗ୍ରୀଷ୍ମ ପ୍ରବାହ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଆଗକୁ ଅଧିକ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। ଏହିକ୍ରମରେ ଗ୍ରାମାଞ୍ଚଳର ଜଳସ୍ତର ଏବେଠୁ ହ୍ରାସ ପାଇଲାଣି। ଏହି ପରିସ୍ଥିତିରେ ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳରେ ପାନୀୟ ଜଳ ସମସ୍ୟା ଲୋକଙ୍କୁ ଅତିଷ୍ଠ କରିଛି। ମନେହେଉଛି ସରକାରଙ୍କ ବସୁଧା ଯୋଜନା ଯେମିତି ବାଟବଣା ହୋଇଛି। ଯାଜପୁର ଜିଲା ଗ୍ରାମ୍ୟ ଜଳ ଯୋଗାଣ ପରିମଳ ସଂସ୍ଥା (ଆରଡବ୍ଲ୍ୟୁଏସ୍ଏସ୍) ପକ୍ଷରୁ ପ୍ରାୟ ୩୩୦ ଗ୍ରାମ୍ୟ ପାଇପ ଜଳ ଯୋଗାଣ ପ୍ରକଳ୍ପ (ପିଡବ୍ଲ୍ୟୁଏସ୍) କାର୍ଯ୍ୟକ୍ଷମ ହେଉଛି ବୋଲି ଦାବି କରାଯାଉଥିବା ବେଳେ ବାସ୍ତବରେ ଏହି ରିପୋର୍ଟ ପାଣିରେ ସର ପକାଇବା ଭଳି ହୋଇଛି। ବହୁ ବର୍ଷ ହେଲା ବିଭାଗୀୟ ରିପୋର୍ଟରେ ପ୍ରକଳ୍ପ କାମ ଚାଲିଥିବା ଉଲ୍ଲେଖ ରହିଛି। ବିଭାଗୀୟ, ପ୍ରଶାସନିକ ଏବଂ ବିଧାନସଭା କମିଟି ବିଭିନ୍ନ ସମୟରେ ସମୀକ୍ଷାବେଳେ ପ୍ରକଳ୍ପଗୁଡ଼ିକର ସ୍ଥିତି ଅପରିବର୍ତ୍ତିତ ରହୁଛି । ଏହାସତ୍ତ୍ୱେ ପ୍ରକଳ୍ପ କାମ ତୁରନ୍ତ ସାରିବାକୁ କେହି ଗୁରୁତ୍ୱ ଦେଉନାହାନ୍ତି । ଜିଲାର ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗେଙ୍ଗୁଟିଆ ଓ ଭରତପୁର ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ଦ୍ୱୟକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ୫୬ ଲକ୍ଷ ୭୯ ହଜାର ୭୦୦ ଟଙ୍କାର ଏହି ଦୁଇ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାର ୧ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ସୁଦ୍ଧା ସ୍ଥାନୀୟ ଲୋକେ ଏଯାଏ ପାଣି ବୁନ୍ଦାଏ ପାଇ ପାରିନାହାନ୍ତି। ତେଣୁ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଏହିଦୁଇ ପ୍ରକଳ୍ପରେ ବ୍ୟାପକ ହରିଲୁଟ ହେବା ସହ ଉପଯୁକ୍ତ ଭାବେ ନିର୍ମାଣ ହୋଇ ନ ଥିବା ନେଇ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ଓଡ଼ିଶା ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ଧର୍ମଶାଳା ବ୍ଲକର ଗେଙ୍ଗୁଟିଆ ଗ୍ରାମରେ ୩୧ ଲକ୍ଷ ୪୨ ହଜାର ୨୦୦ ଟଙ୍କା ଓ ଭରତପୁର ଗ୍ରାମରେ ୨୫ ଲକ୍ଷ ୩୭ ହଜାର ୫୦୦ ଟଙ୍କା ବ୍ୟୟରେ ପାଇପ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ହୋଇଛି। ଏହି ଦୁଇ ପ୍ରକଳ୍ପ ୩୧।୩।୨୦୨୧ରେ ସମ୍ପୂର୍ଣ୍ଣ ହୋଇଛି। ପ୍ରକଳ୍ପରେ ୧୬୦ ଏମ୍ଏମ୍ ଓ ୧୧୬ ଏମ୍ଏମ୍ ପାଇପ ବ୍ୟବହାର କରାଯାଇଛି। ତେବେ ଅତିନିମ୍ନମାନର କାମ ହୋଇଥିବାରୁ ଏହି ପ୍ରକଳ୍ପ ଦ୍ୱୟ ଏବେ ବି ଅଚଳ ହୋଇ ପଡିଛି। ଆଶ୍ଚର୍ଯ୍ୟର କଥା, ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ନେଇ କୁଆଖିଆ ଇଲେକ୍ଟ୍ରିକାଲ ଡିଭିଜନ ପକ୍ଷରୁ ବିଦ୍ୟୁତ୍ ବିଲ୍ ମଧ୍ୟ ଜାରି କରାଯାଇଛି। ଗତ୧୬।୩।୨୦୨୨ରେ ଉଭୟ ଗ୍ରାମର ଗ୍ରାମବାସୀ ଧର୍ମଶାଳା ବିଡିଓଙ୍କ ନିକଟରେ ପ୍ରକଳ୍ପ ଦ୍ୱୟ କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ କରିଛନ୍ତି। ତେଣୁ ଏ ସଂକ୍ରାନ୍ତରେ ଆବଶ୍ୟକ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲୋକାୟୁକ୍ତରେ ଆବେଦନ କରାଯାଇଛି। ଜଳ ଉତ୍ସର ପ୍ରସ୍ତୁତି, ପମ୍ପ ହାଉସ ନିର୍ମାଣ, ସରବରାହ ପାଇଁ ପାଇପ ବିଛା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବିଭାଗୀୟ ରିପୋର୍ଟରେ ଉଲ୍ଲେଖ ରହିଛି। ହେଲେ ସେହିପ୍ରକଳ୍ପ ଅଚଳ ହୋଇପଡିଥିବାରୁ ଗେଙ୍ଗୁଟିଆ ଓ ଭରତପୁର ଗ୍ରାମବାସୀ ପାଣି ଗରାଏ ପାଇଁ ଚାତକ ଭଳି ଚାହିଁ ରହିଛନ୍ତି । ଜିଲାର ୧୦ ବ୍ଲକ ଅଧୀନ ପ୍ରାୟ ୧୮ ଲକ୍ଷ ଅଧିବାସୀଙ୍କୁ ପାନୀୟ ଜଳ ଉପଲବ୍ଧ କରାଇବାକୁ ସରକାରୀ ଯୋଜନା କିଭଳି ଚାଲିଛି ଏଥିରୁ ଅନୁମେୟ ।

ଏ ସଂକ୍ରାନ୍ତରେ ଆରଡବ୍ଲ୍ୟୁଏସ୍ଏସ୍ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ ଘଡେଇଙ୍କୁ ପଚାରିବାରେ ସେ କହିଛନ୍ତି, ପ୍ରକଳ୍ପରୁ ଆବଶ୍ୟକ ପାଣି ବାହାରୁ ନାହିଁ, ଲୌହଅଂଶ ରହିଥିବାରୁ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରାଯାଇ ନାହିଁ। ତେଣୁ ବିକଳ୍ପ ଜଳଉତ୍ସ ସନ୍ଧାନ କରି ଅଚଳ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକ୍ଷମ କରିବାକୁ ଉଦ୍ୟମ ଜାରି ରହିଛି। କୌଣସି ପ୍ରକଳ୍ପ କାମରେ ଦୁର୍ନୀତି ହୋଇ ନାହିଁ ବୋଲି ସେ ସୂଚନା ଦେଇଛନ୍ତି।



ଭରତପୁର ଗ୍ରାମରେ ଥିବା ପାନୀୟ ଜଳ ପ୍ରକଳ୍ପ।

## ପଥର ଖନନକୁ ବିରୋଧ କରିବେ ଗ୍ରାମବାସୀ

**ବାଲିଚନ୍ଦ୍ରପୁର,୬।୪(ସ୍ୱ.ପ୍ର.)**

ପୁରୀ ସହରର ଉନ୍ନତୀକରଣ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ଅବଢ଼ା ଯୋଜନାରେ ଯାଜପୁର ଜିଲା ଦର୍ପଣ ତହସିଲ ଅଞ୍ଚଳର ୩ଟି ସ୍ଥାନରୁ ଓଡ଼ିଶା ଖଣି ନିଗମ ଦ୍ୱାରା ଖଣ୍ଡୋଲାଇଟ ପଥର ଖନନ କରାଯିବାକୁ ଯୋଜନା ରହିଛି। ପ୍ରାଥମିକ ପର୍ଯ୍ୟାୟରେ ଶୁଖୁଆପଡ଼ାରୁ ପଥର ଖନନ ଆରମ୍ଭ କରାଯାଇଛି। ତେବେ ଖନନ ପୂର୍ବରୁ ଖଣି ନିଗମ ଓ ଯାଜପୁର ଜିଲା ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ପାଳନ କରି ନ ଥିବାରୁ କେଶରାଇପୁର ଗ୍ରାମବାସୀ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେଣୁ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ସ୍ୱରୂପ ଖନନ କାର୍ଯ୍ୟ ବନ୍ଦ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ପଥର ଖନନ ପୂର୍ବରୁ କେଶରାଇପୁର ଗ୍ରାମର ଉନ୍ନତି ପାଇଁ ପ୍ରାଥମିକତା ଦିଆଯିବ ବୋଲି ଜନଶୁଣାଣି ସମୟରେ ଖଣିନଗମ ଓ ଜିଲା ପ୍ରଶାସନ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଖନନକୁ ଅନ୍ୟ ଗ୍ରାମବାସୀ ବିରୋଧ କରିଥିବା ବେଳେ କେଶରାଇପୁର ଗ୍ରାମବାସୀ ସମର୍ଥନ ଜଣାଇଥିଲେ। କିନ୍ତୁ ଏବେ ପଥର ଖନନ ଆରମ୍ଭ କରାଯାଇଥିବା ବେଳେ କେଶରାଇପୁର ଗ୍ରାମବାସୀଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ କରାଯାଇନାହିଁ। ତେଣୁ ଲୋକଙ୍କ ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ପୂର୍ବତନ ସମିତିସଭ୍ୟ ସଞ୍ଜୁ ଦେହୁରୀ, ଅଭିରାମ ଦେହୁରୀ, ସୁନାକର ପରିଡ଼ା, ସଞ୍ଜୟ କୁମାର ସିଂହ, ରାଜକିଶୋର ବେହେରା, ନାରାୟଣ ଦେହୁରୀ, ପ୍ରମୋଦ ଦାସ ଓ ରବି ସିଂହଙ୍କ ସମେତ ଶତାଧିକ ଗ୍ରାମବାସୀ ଦାବି କରିଛନ୍ତି। ନଚେତ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି।

# ଯୋଗ ଦେଲେନାହିଁ ନିର୍ବାଚିତ ପ୍ରତିନିଧି

**ଯାଜପୁର ଅଫିସ,୬।୪**

ଯାଜପୁର ଜିଲାରେ ପଞ୍ଚାୟତ ଓ ପୌର ନିର୍ବାଚନରେ ଭାଜପାର ବିପର୍ଯ୍ୟୟ ପରେ କେତେଜଣ ଦଳୀୟ କର୍ମୀ ଦଳ ଓ ଦଳୀୟ ନେତାଙ୍କ ପ୍ରତିବିମୁଖ ଥିବା ଦେଖିବାକୁ ମିଳିଛି। ବୁଧବାର ବଡ଼ଚଣା ନିର୍ବାଚନମଣ୍ଡଳୀରେ ଭାଜପାର ୪୨ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏହା ପ୍ରମାଣିତ ହୋଇଛି।

ଭାଜପା ସମର୍ଥିତ ସରପଞ୍ଚ, ସମିତି ସଭ୍ୟ ଏବଂ ୱାର୍ଡ ସଭ୍ୟମାନେ ଭାଜପା ରାଜ୍ୟ ସମ୍ପାଦକ ତଥା ବଡଚଣା ବିଧାୟକ ପ୍ରାର୍ଥୀ ଅମର ନାୟକଙ୍କ ଆବାହକତ୍ୱରେ କାଇମାଟିଆ ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇ ନ ଥିଲେ। ଏଥିରେ ବଡ଼ଚଣାର ବହୁ ଆଗଧାଡିର ଦଳୀୟ ନେତା, ମଣ୍ଡଳ ତଥା ଜିଲା ପଦାଧିକାରୀ, ବିଗତ ନିର୍ବାଚନରେ ଦଳର ଜିଲା ପରିଷଦ ପ୍ରାର୍ଥୀ ସର୍ବୋପରି ସମ୍ବର୍ଦ୍ଧିତ ହେବାକୁ ଥିବା ନବ ନିର୍ବାଚିତ ସରପଞ୍ଚ ଓ ସମିତି ସଭ୍ୟମାନେ ମଧ୍ୟ ଅନୁପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ଗୌତମ ରାୟ ଯୋଗ ଦେଇଥିଲେ । କେବଳ ସେତିକି ନୁହେଁ ଅମରଙ୍କ ନେତୃତ୍ୱକୁ ଚ୍ୟାଲେଞ୍ଜ କରି ଦଳୀୟ କର୍ମକର୍ତ୍ତା ଓ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନେ ସମାନ୍ତରାଳ ଭାବେ ବଡ଼ଚଣା ମଣ୍ଡଳ୧୭ ନମ୍ବର, ଛଡିଆ ମଣ୍ଡଳର ୧୮ ନମ୍ବର, ବାଲିଚନ୍ଦ୍ରପୁର ମଣ୍ଡଳର ୧୯ ନମ୍ବର ଏବଂ ଓଳାଶୁଣି ମଣ୍ଡଳର ୨୦ ନମ୍ବର ଜୋନ୍‌ରେ ପ୍ରତିଷ୍ଠା ଦିବସ ପାଳନ କରିଥିଲେ।

ବିଗତ ନିର୍ବାଚନରେ ବଡ଼ଚଣା ବ୍ଲକର ଭାଜପା ସମର୍ଥିତ ୧୬ ଜଣ ସମିତି ସଭ୍ୟ ଏବଂ ୧୮ ଜଣ ସରପଞ୍ଚ ପ୍ରାର୍ଥୀ ବିଜୟ ଲାଭ କରିଥିବା କୁହାଯାଉଥିଲା । ହେଲେ ସେଥିରୁ କେବଳ ୫ ଜଣ ସରପଞ୍ଚ ଓ ୫ ଜଣ ସମିତି ସଭ୍ୟ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଥିଲେ । ସେହିପରି ୫ ଜିଲା ପରିଷଦ ଜୋନ୍‌ର ଦଳୀୟ ପ୍ରାର୍ଥୀଙ୍କ ମଧ୍ୟରୁ କେବଳ ଜଣେ ମାତ୍ର ଏଥିରେ ଯୋଗ ଦେଇଥିଲେ। ସେହିପରି ପୂର୍ବତନ ଏମ୍‌ପି ମୋହନ ଜେନାଙ୍କ ସମେତ ବଡ଼ଚଣା ନିର୍ବାଚନ ମଣ୍ଡଳୀରୁ ଦଳର ପଦାଧିକାରୀ ଥିବା ଜିଲା ସାଧାରଣ ସମ୍ପାଦକ, ସମ୍ପାଦକ, ଜିଲା କାର୍ଯ୍ୟରିଣୀ ସଭ୍ୟ ଏବଂ ରାଜ୍ୟ ପରିଷଦ ସଭ୍ୟ ମଧ୍ୟ ଏହି କାର୍ଯ୍ୟକ୍ରମ ଠାରୁ ନିଜକୁ ଦୂରେଇ ରଖିଥିବା ଦେଖିବାକୁ ମିଳିଥିଲା । ବିଗତ ନିର୍ବାଚନ ଏବଂ ପଞ୍ଚାୟତ ସମିତି ଅଧକ୍ଷ ନିର୍ବାଚନ ସମୟରେ ବିଜେଡିକୁ ସୁହାଇବା ପରି ଅମରଙ୍କ ଯେପରି ଆଭିମୁଖ୍ୟ ରହିଲା ତାହା ଦଳୀୟ କର୍ମକର୍ତ୍ତା ଓ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଅଧିକ କ୍ଷୁବ୍ଧ କରିଥିଲା ବୋଲି ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ଅମର ନାୟକଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ତାହା ସମ୍ଭବ ହୋଇ ପାରିନାହିଁ।



ପ୍ରତିଷ୍ଠା ଦିବସରେ ଯୋଗ ଦେଇଥିବା କର୍ମକର୍ତ୍ତା।

### ଭାଜପା ପ୍ରତିଷ୍ଠା ଦିବସ

# ପୂର୍ବତନ ସରପଞ୍ଚ ଗିରଫ

**ରସୁଲପୁର,୬।୪(ଡି.ଏନ.ଏ.)**

### ଫୋନ୍‌ରେ ଧମକ ଦେବା ଘଟଣା

କୁଆଖିଆ ଥାନା ଅଧୀନ ରାଜେନ୍ଦ୍ରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ବେହେରାଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ଉକ୍ତ ପଞ୍ଚାୟତର ଦୁର୍ଗାପ୍ରସନ୍ନ ପାଣିଗ୍ରାହୀଙ୍କ ପରିବାର ସଦସ୍ୟଙ୍କୁ ଫୋନ୍ ଯୋଗେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ଭୁବନେଶ୍ୱର ସହିଦ୍ ନଗର ପୋଲିସ ସହାୟତାରେ ଅଭିଯୁକ୍ତଙ୍କୁ ଭୁବନେଶ୍ୱରସ୍ଥିତ ହାଇଟେକ୍ ଛକ ନିକଟରୁ ମଙ୍ଗଳବାର ରାତିରେ ଗିରଫ କରିଥିଲା। ଏହି ଘଟଣା ପ୍ରଘଟ ହେବାକ୍ଷଣି ଥାନା ସମ୍ମୁଖରେ ଲୋକଙ୍କ ଭିଡ଼ ହୋଇଥିଲା। ତେବେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ଆଶଙ୍କାରେ ପୋଲିସ ସୁଶାନ୍ତଙ୍କୁ ଅତିଗୋପନୀୟ ଭାବେ କୋର୍ଟଚାଲାଣ କରିଛି। ଉକ୍ତ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ଅନୁସାରେ, ମାର୍ଚ୍ଚ ୨୧ରେ ସୁଶାନ୍ତ ଦୁର୍ଗାପ୍ରସନ୍ନଙ୍କ ପରିବାରକୁ ଫୋନ ଯୋଗେ ଗାଳି ଗୁଲଜ କରିଥିଲେ। ଏନେଇ ଦୁର୍ଗାପ୍ରସନ୍ନ ଥାନାରେ ଅଭିଯୋଗ କରିବା ସହ ଧମକପୂର୍ଣ୍ଣ ଅଡିଓ ପୋଲିସକୁ ପ୍ରଦାନ କରିଥିଲେ। ପୋଲିସ ନଂ.୧୦୮/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଘଟଣା ପରଠାରୁ ସୁଶାନ୍ତ ଫେରାର ହୋଇଯାଇଥିଲେ। ପୋଲିସ ତାଙ୍କ ମୋବାଇଲ ଫୋନକୁ ଟ୍ରାକିଂ କରିବାରୁ ସେ ଭୁବନେଶ୍ୱରରେ ରହୁଥିବା ଜାଣିବାକୁ ପାଇଥିଲା। ଗିରଫ ହେବା ଦିନ ସୁଶାନ୍ତ ହାଇଟେକ ଛକରେ ବୁଲୁଥିଲେ। ତେବେ ଏଥି ପୂର୍ବରୁ ସୁଶାନ୍ତଙ୍କ ନାଁରେ କୁଆଖିଆ ଥାନାରେ ଏକାଧିକ ମାମଲା ରହିଛି। ସୁଶାନ୍ତ ଜଣେ ବାହୁବଳୀ ସରପଞ୍ଚ ଭାବେ ପରିଚିତ ଥିଲେ। ପୋଲିସ ତାଙ୍କୁ ଗିରଫ କରିବା ପରେ ବ୍ଲକ ଅଞ୍ଚଳର ଆଉ କେତେଜଣ ବଳଶାଳୀ ସରପଞ୍ଚଙ୍କ ପାଇଁ ସତର୍କ ଘଣ୍ଟିବାଜିଛି। ସୁଶାନ୍ତ ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ରାଜେନ୍ଦ୍ରପୁର ସମିତିସଭ୍ୟ, ୨୦୧୭ ରୁ ୨୦୨୨ ପର୍ଯ୍ୟନ୍ତ ସରପଞ୍ଚ ଦାୟିତ୍ୱ ସମ୍ଭାଳିଥିଲେ। ଏଥର ତାଙ୍କ ସ୍ତ୍ରୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ହାରିଯାଇଥିଲେ, ଯାହାକୁ ନେଇ ବିଜୟୀ ଓ ପରାଜିତ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗିଥିଲା। ଏହାକୁ କେନ୍ଦ୍ରକରି ସୁଶାନ୍ତ ଦୁର୍ଗାପ୍ରସନ୍ନଙ୍କ ପରିବାରକୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ।



ଗିରଫ ଅଭିଯୁକ୍ତ।

## ପଞ୍ଚାୟତ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ



**ଧର୍ମଶାଳା,୬।୪(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚହଟା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ନୂତନ ଗୃହ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ଗୃହକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରିୟନାଥ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚହଟା ସରପଞ୍ଚ ସୁମିତ୍ରା ସ୍ୱାଇଁ, ସମିତିସଭ୍ୟା ସସ୍ମିତା ନାୟକ, ପଞ୍ଚାୟତ ବିଜେଡି ସଭାପତି ସୁଦୀପ୍ତ ସ୍ୱାଇଁ, ବିଜେଡି ସଙ୍ଗଠକ ପ୍ରଭୁଦତ୍ତ ଜେନା ଓ ସରପଞ୍ଚଙ୍କ ପ୍ରତିନିଧି ବିଚିତ୍ର କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ଗୃହ ନିର୍ମାଣ କରାଯାଇଥିବା ଜଣାଯାଇଛି। ଆୟୋଜିତ ଉତ୍ସବରେ ପଞ୍ଚାୟତର ବହୁ ଜନସାଧାରଣ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବସ୍ତାରେ ମାଂସ ଚାଲାଣକୁ ନେଇ ଉତ୍ତେଜନା

**କାଳିଆପାଣି,୬।୪(ଡି.ଏନ.ଏ.)**

ସୁକିନ୍ଦା ଖଣି ଅଞ୍ଚଳକୁ ବସ୍ତାରେ ମାଂସ ଚାଲାଣ ନେଇ ଉତ୍ତେଜନା ପ୍ରକାଶ ପାଇଛି। କାଳିଆପାଣି ପଞ୍ଚାୟତର ଓଏମ୍‌ସି ପାଚେରି କଡ଼ରେ କୋରେଇ ଅଞ୍ଚଳର ଇସୁବ୍ ନାମକ ଜଣେ ମୁସଲମାନ ବ୍ୟକ୍ତି ଦୀର୍ଘ ଦିନହେଲା ଛେଳି ମାଂସ ବିକ୍ରି କରୁଛନ୍ତି। ତେବେ ବହୁ ସମୟରେ ଖଣି ଅଞ୍ଚଳକୁ କୋରେଇ ଅଞ୍ଚଳରୁ ଗୋମାଂସ ଚାଲାଣ ହୋଇ ଆସୁଥିବା ଅଭିଯୋଗ ହୋଇ ଆସୁଥିବାବେଳେ ଇସୁବ୍ ଖାସି ମାଂସର ମୂଲ୍ୟ ନେଇ ମେଣ୍ଢା ଓ ରୋଗିଣା ଛେଳି ମାଂସ ଦେଇ ଗ୍ରାହକକୁ ଶୋଷଣ କରୁଥିବା ଅଭିଯୋଗ ହୋଇଛି।

ବୁଧବାର ମାଂସ କାଟିବାର ବାରି ହୋଇ ଥିବାରୁ ଇସୁବ୍ ଦୋକାନ ଖୋଲିବା ପୂର୍ବରୁ ଗ୍ରାହକ ଅପେକ୍ଷା କରି ରହିଥିଲେ। ତେବେ ଇସୁବ୍ ନିଜେ ନ ଆସି ତାଙ୍କ ପୁଅ ଓ ଦୁଇ ସହ କର୍ମୀ ଏକ ଅଟୋରେ ଆସି ଦୋକାନରେ ପହଞ୍ଚିଥିଲେ। ଗ୍ରାହକଙ୍କ ଉପସ୍ଥିତରେ ଅଟୋରୁ ଦୁଇ ବସ୍ତା କଟା ମାଂସ ଓହ୍ଲାଇ ଲୁଚେଇ ରଖିବାର ପ୍ରୟାସ କରିଥିଲେ। ଏହି ସମୟରେ ସେଠାରେ ଅପେକ୍ଷାରେ ଥିବା ଗ୍ରାହକମାନେ ଏହା କ'ଣ ଆଣିଛ ବୋଲି କହି ଜୋରରେ ପାଟି ତୁଣ୍ଡ କରିଥିଲେ। ତେଣୁ ମାଂସ ବସ୍ତାକୁ ଧରି ଦୋକାନ ପିଲାମାନେ କାଳିଆପାଣି ଖଣି ନିଗମ ପାଚେରି ଡେଇଁ ଦୌଡି ପଳାଇଥିଲେ। ଖଣି ନିଗମ କଲୋନୀ ପରିସରରେ ଥିବା ଏକ ଘର ଭିତରେ ଜଣେ ପସି ଯିବା ସହ ଆଉ ଜଣେ ବୁଦୁବୁଦିଆ ଜଙ୍ଗଲକୁ ପଶି ଯାଇଥିଲେ। ଏହାକୁ ନେଇ ସେଠାରେ ବହୁ ଲୋକ ରୁଣ୍ଡ ହୋଇଥିଲେ। ଏତିକିବେଳେ ଇସୁବ୍‌ଙ୍କ ପୁଅ ବାବର ଦୋକାନ ବନ୍ଦ କରି ପଳାଇଥିଲେ। ତେବେ ଏହି ଘଟଣା ପୂର୍ବରୁ କିଛି ବର୍ଷ ତଳେ ଟାଟା ବଜାରରେ ମଙ୍ଗୁ ନାମକ ଜଣେ ମୁସଲମାନ ବ୍ୟକ୍ତି ଗୋମାଂସ ବିକ୍ରି କରୁଥିବାବେଳେ ଧରାପଡ଼ି ବାରୁ ବଡ଼ ଧରଣର ଜଳାପୋଡା ଭଳି ଘଟଣା ଘଟିଥିଲା। ଏଥିସହିତ ମଙ୍ଗୁର ମାଂସ ଦୋକାନ ବନ୍ଦ କରି ଦିଆଯାଇଥିଲା। ଏବେ ବହୁ ମାଂସ ଦୋକାନରେ ଏଭଳି ବେଆଇନ କାର୍ଯ୍ୟ ଚାଲୁଥିବାବେଳେ ସ୍ଥାନୀୟ ପୋଲିସ ଅଜ୍ଞ ରହିଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଯୁସୁବ୍‌ଙ୍କ ପୁଅ ବାବର୍ କହିଛନ୍ତି, ବସ୍ତାରେ ମେଣ୍ଢା ମାଂସ ଅଣା ଯାଇଥିଲା। ଖଣି ଅଞ୍ଚଳର ହୋଟେଲ, ଗେଷ୍ଟ ହାଉସ ଓ ହାଣ୍ଡିଆ ଭାଟିରେ ତାହାକୁ ସ୍ୱଳ୍ପ ମୂଲ୍ୟରେ ବିକ୍ରି କରୁଛୁ ବୋଲି ପ୍ରକାଶ କରିଥିଲେ।

## ଅନ୍ତର୍ଜାତୀୟ ଅଲିମ୍ପିଆଡ୍ ଗଣିତ ପରୀକ୍ଷାରେ ଜିଗ୍ନେଶଙ୍କୁ ସ୍ୱର୍ଣ୍ଣ

**ଯାଜପୁର ଅଫିସ/ ରସୁଲପୁର,୬।୪(ଡି.ଏନ.ଏ.)**



ତୃତୀୟ ଶ୍ରେଣୀ ଛାତ୍ର ଜିଗ୍ନେଶ କୁମାର ଲେଙ୍କା ଅନ୍ତର୍ଜାତୀୟ ଅଲମ୍ପିଆଡ୍ ଗଣିତ ପରୀକ୍ଷାରେ ଶତପ୍ରତିଶତ ନମ୍ବର ରଖି ସ୍ୱର୍ଣ୍ଣ ପଦକ ଜିତିବାର ଗୌରବ ଅର୍ଜନ କରିଛନ୍ତି। ଆୟୋଜକଙ୍କ ପକ୍ଷରୁ ତାଙ୍କୁ ପଦକ ସହ ନଗଦ ଅର୍ଥରାଶି ଓ ମାନପତ୍ର ପ୍ରଦାନ କରାଯାଇଛି। ଜିଗ୍ନେଶ ତାଙ୍କ ବାଗ୍ମିତା ପାଇଁ ସମଗ୍ର ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଜିଗ୍ନେଶ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅଚ୍ୟୁତପୁର ଗ୍ରାମର ବିନିତା ବୋଇତାଇ ଓ ଯଦୁନାଥ ଲେଙ୍କାଙ୍କ ସୁପୁତ୍ର। ସେ ଧର୍ମଶାଳା ପବ୍ଲିକ ସ୍କୁଲରେ ଅଧ୍ୟୟନରତ ଅଛନ୍ତି। ତାଙ୍କ ସଫଳତା ପରେ ପରିବାର ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ସଫଳତାକୁ ନେଇ ଜିଗ୍ନେଶ ତାଙ୍କ ମା'ବାପା, ବିଦ୍ୟାଳୟ ଅଧକ୍ଷ ସନ୍ତୋଷ କୁମାର ଜେନା ଓ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି।

# ନବନିର୍ବାଚିତ ଜନପ୍ରତିନିଧି ସମ୍ବର୍ଦ୍ଧିତ

**ବରୀ,୬।୪(ଡି.ଏନ.ଏ.)**

ବରୀ ନିର୍ବାଚନମଣ୍ଡଳୀର ନବନିର୍ବାଚିତ ଜନପ୍ରତିନିଧିଙ୍କୁ ବିଧାୟିକା ସୁନନ୍ଦା ଦାସ ସମ୍ବର୍ଦ୍ଧିତ କରିଛନ୍ତି। ବୁଧବାର ସ୍ଥାନୀୟ ଧାରପୁର ପଞ୍ଚାୟତର ଓଁକାର ମଣ୍ଡପଠାରେ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ବ୍ଲକ୍ ବିଜେଡି ସଭାପତି କେଦାର ସାମଲ ସଭାପତିତ୍ୱ କରିଥିଲେ। ଜନପ୍ରତିନିଧି ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନାଭିମୁଖୀ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ବିଧାୟିକାଙ୍କ ନେତୃତ୍ୱରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବ। ତାଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ଓ ଦଳ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଆଶୀର୍ବାଦ ରହିଛି ବୋଲି ଉପସ୍ଥିତ ବକ୍ତା ମତବ୍ୟକ୍ତ କରିଥିଲେ। ବିଧାୟିକା ଦାସ କହିଥିଲେ, ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଦାସଙ୍କ ଦ୍ୱାରା ସ୍ୱପ୍ନର ବରୀକୁ ନୂଆ କରି ଗଢି ତୋଳିବା ସମ୍ଭବ ହୋଇପାରିବ। କାର୍ଯ୍ୟକ୍ରମରେ ଯାଜପୁର ଜିଲାପରିଷଦ ସଭାପତି ନଳିନୀପ୍ରଭା ଜେନା, ଉପସଭାପତି ଗଣେଶ୍ୱର ବରାଳ, ରସୁଲପୁର ବ୍ଲକ୍ ଅଧକ୍ଷ ଅରୁଣ ରାଉତ, ଉପାଧକ୍ଷ ଜୟନ୍ତୀ ଦାଶ, ବରୀ ବ୍ଲକ୍ ଉପାଧକ୍ଷା ଅର୍ଚ୍ଚନା ମଳିକ, ଜିଲାପରିଷଦ ସଭ୍ୟ ଅଶୋକ ସାମଲ, ଶଶିରେଖା ପୃଷ୍ଟି ଓ ବିନୋଦ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଧାରପୁର ପଞ୍ଚାୟତର ସମିତିସଭ୍ୟ ଶ୍ରୀଧର ସେଠୀ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଜନପ୍ରତିନିଧି, ବିଧାୟିକା ଓ ଅନ୍ୟମାନେ।

# ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁନି ଗହମ

**ଚଣ୍ଡିଖୋଲ,୬।୪(ଡି.ଏନ.ଏ.)**

### ବଡ଼ଚଣା ବ୍ଲକ

- ୨ ମାସର ଆବଶ୍ୟକ ସାମଗ୍ରୀ ଆସିନାହିଁ
- ହିତାଧିକାରୀଙ୍କ ମହଲରେ ବଢୁଛି ଅସନ୍ତୋଷ

ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ଚାଉଳ ଏବଂ ଗହମ ଯୋଗାଇ ଦିଆଯାଉଛି। ମାତ୍ର ଗତ ଦୁଇ ମାସ ହେଲା ହିତାଧିକାରୀ ଗହମ ପାଇବାରୁ ବଞ୍ଚିତ ହୋଇଛନ୍ତି। ଫେବୃୟାରୀ ଓ ମାର୍ଚ୍ଚ ମାସର ଗହମ ଆସି ନ ଥିବାରୁ ରିଟେଲରମାନେ ଖାଉଟିଙ୍କୁ ତାହା ଦେଇପାରୁନାହାନ୍ତି। ଅନ୍ୟପକ୍ଷରେ ଏପ୍ରିଲ, ମେ' ଓ ଜୁନ୍ ମାସର ଚାଉଳ ରିଟେଲରମାନଙ୍କ ପାଖକୁ ଏଫ୍‌ସିଆଇ ଗୋଦାମରୁ ପଠା ସରିଲାଣି। ତେବେ ଯେଉଁ ହିତାଧିକାରୀ ଗହମ ପାଇବା କଥା ସେମାନେ ଅଦ୍ୟାବଧି ପାଇ ନ ଥିବାରୁ ଜନ ଅସନ୍ତୋଷ ଦେଖାଦେଇଛି।

ସୂଚନା ଥାଉକି, ବଡ଼ଚଣା ବ୍ଲକରେ ପ୍ରତ୍ୟେକ ମାସରେ ଗହମ ୧୫.୫୦୦ ଖୁଇଣ୍ଟାଲର ଆବଶ୍ୟକତା ରହିଛି। ଦୁଇ ମାସ ପାଇଁ ୩୧ଶହ କୁଇଣ୍ଟାଲ ଗହମର ଆବଶ୍ୟକତା ରହିଥିବାବେଳେ ମାତ୍ର ୯୦୦ କୁଇଣ୍ଟାଲ ଗହମ ଏଫ୍‌ସିଆଇ ଗୋଦାମକୁ ଆସିଛି। ଏହାପରେ ଗହମ ଆଉ ଆସି ନ ଥିବାରୁ ରିଟେଲରଙ୍କୁ ଦିଆଯାଇ ନାହିଁ। ସେଥିପାଇଁ ସେମାନେ ଅଧା ହିତାଧିକାରୀଙ୍କୁ ଗହମ ବଣ୍ଟନ କରିଥିବା ବେଳେ ଆଉ ଅର୍ଦ୍ଧାଧିକ ଗହମ ପାଇପାରି ନାହାନ୍ତି। ତେବେ ଯୋଗାଣ ବିଭାଗ ତରଫରୁ ସେମାନଙ୍କୁ ଗହମ ଦିଆଯିବକି ନାହିଁ ସେ ସମ୍ପର୍କରେ ଏ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟୀକରଣ ଦିଆଯାଉନାହିଁ। ଯେଉଁଥିପାଇଁ ରିଟେଲର ଓ ହିତାଧିକାରୀଙ୍କ ମଧ୍ୟରେ ବିବାଦ ଦେଖାଦେଲାଣି। ଯାହାକୁ ନେଇ ରିଟେଲରମାନେ ସଙ୍କଟରେ ପଡ଼ିଛନ୍ତି। ଯେଉଁ ହିତାଧିକାରୀ ଗହମ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ସେମାନେ ଆଉ ଗହମ ପାଇବେକି ନାହିଁ ତାହା ମଧ୍ୟ ସ୍ପଷ୍ଟ କରାଯାଉନାହିଁ। ଏ ସମ୍ପର୍କରେ ବଡ଼ଚଣା ବ୍ଲକ ଯୋଗାଣ ଅଧିକାରୀ ବିଶ୍ୱଜିତ୍ ମିଶ୍ର କହିଛନ୍ତି, ଗହମର ଅଭାବ ହେତୁ ଅଦ୍ୟାବଧି ତାହା ଗୋଦାମକୁ ଆସିପାରିନାହିଁ। ତେବେ ଏହା ବଦଳରେ ସରକାର କ'ଣ ଦେବେ ସେ ସମ୍ପର୍କରେ ନିଷ୍ପତ୍ତି ହୋଇ ନ ଥିବାରୁ ଆମେ ଠିକ୍ ଭାବେ କହିପାରୁ ନାହୁଁ। ପ୍ରକାଶଯୋଗ୍ୟ, ଧାନମଣ୍ଡଳସ୍ଥିତ ଭାରତୀୟ ଖାଦ୍ୟ ନିଗମର ଗୋଦାମ ଗୃହଉପରେ ଚାରଟି ବ୍ଲକ ନିର୍ଭର କରେ। ସେଗୁଡ଼ିକ ହେଲା ବଡ଼ଚଣା, ବରୀ, ଧର୍ମଶାଳା ଓ ରସୁଲପୁର। ଏହି ୪ଟି ବ୍ଲକ ପାଇଁ ପ୍ରତ୍ୟେକ ମାସରେ ୮,୪୦୦ କୁଇଣ୍ଟାଲ ଗହମ ଆସିବାର ନିୟମ ଥିବାବେଳେ ଫେବୃୟାରୀ ଓ ମାର୍ଚ୍ଚ ମାସ ପାଇଁ ୫,୭୦୦ କୁଇଣ୍ଟାଲ ଗହମ ଆସିଛି। ତେବେ କିପରି ହିତାଧିକାରୀ ଗହମ ପାଇବେ ସେ ନେଇ ସଂଶୟ ସୃଷ୍ଟି ହୋଇଛି।

## ସଂକ୍ଷେପରେ

### ନଦୀରେ ବୁଡ଼ି ଯୁବକ ନିଖୋଜ

**କୁଜଙ୍ଗ,୬।୪(ଡି.ଏନ୍.ଏ.):** କୁଜଙ୍ଗ ଥାନା ଜିଲାନାସି ପଞ୍ଚାୟତ ଅନ୍ତର୍ଗତ ସାହାରାଡିଆ ଗ୍ରାମ ଦେଇ ପ୍ରବାହିତ ପାଇକା ନଦୀରେ ବୁଧବାର ଜଣେ ଯୁବକ ବୁଡ଼ି ନିଖୋଜ ହୋଇଯାଇଛନ୍ତି। ସେ ହେଲେ କେନ୍ଦ୍ରାପଡା ଜିଲା ମାର୍ଶାଘାଇ ଥାନା ଅର୍ନ୍ତଗତ ପଳାସପୁର ଗ୍ରାମର ସରୋଜ ମହାପାତ୍ରଙ୍କ ପୁଅ ଆଶୁତୋଷ ମହାପାତ୍ର (୧୯)। ମାମୁ ପୁଅର ବ୍ରତୋପୟନ ଉତ୍ସବରେ ଯୋଗଦେବାପାଇଁ ଆଶୁତୋଷ ସାହାରାଡିଆ ଆସିଥିଲେ। ବୁଧବାର ସକାଳେ ମାଉସୀ ପୁଅଙ୍କ ସହ ଏହି ନଦୀକୁ ଗାଧୋଇବାକୁ ଆସିଥିଲେ। ଅସାବଧାନତାବଶତଃ ନଦୀରେ ଗୋଡ ଖସିଯିବାରୁ ଗଭୀରକୁ ଚାଲିଯାଇଥିଲେ । ଖବରପାଇ ଘଟଣାସ୍ଥଳରେ କୁଜଙ୍ଗ ଦମକଳ ବାହିନୀ, ଓଡ୍ରାଫ୍ ଟିମ୍, ବୁଡ଼ାଳି ଓ ପୋଲିସ ପହଞ୍ଚି ଖୋଜାଖୋଜି କରିଛନ୍ତି। କିନ୍ତୁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳିପାରି ନାହିଁ। ଏନଇେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

### ମୈନାକ୍ୟ ସାହିତ୍ୟ ସଂସଦର ବସନ୍ତ ଆସର

**ପାରାଦୀପ,୬।୪(ସ୍ୱ.ପ୍ର.):** ପାରାଦୀପ ମଧୁବନସ୍ଥିତ ମୈନାକ୍ୟ ସାହିତ୍ୟ ସଂସଦ ପକ୍ଷରୁ ବସନ୍ତ ମିଳନ କବିତା ଆସର ବୁଧବାର ଅନୁଷ୍ଠିତ ହୋଇଛି। ଅଧାପକ ସନ୍ତୋଷ କୁମାର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଆସରରେ କବିୟତ୍ରୀ ଓ କବି ମାନେ କବିତାପାଠ କରିଥିଲେ। ନଗେନ୍ଦ୍ର ସ୍ୱାଇଁ, ପ୍ରେମଲତା ବାରିକ, ଗୋଲାପରାଣୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

### ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ

**କେନ୍ଦ୍ରାପଡ଼ା ଅଫିସ,୬।୪:** କେନ୍ଦ୍ରାପଡ଼ା ଜିଲା ଅବସରପ୍ରାପ୍ତ ସରକାରୀ ସଂଘର ବାର୍ଷିକ ସମ୍ମିଳନୀ ମୀରପାଟଣା ସ୍ଥିତ ସ୍ୱୟଂ ସେଲିବ୍ରେଶନଠାରେ ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସଂଘର କାର୍ଯ୍ୟକାରୀ ସଭାପତି ବ୍ରଜକିଶୋର ଜେନାଙ୍କ ସଭାପତିତ୍ୱରେ ସମ୍ମିଳିନୀ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା କୋଷାଗାର ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା, ସମ୍ମାନୀତ ଅତିଥି ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ ପରିଚାଳକ ପ୍ରକାଶ ଚନ୍ଦ୍ର ଗ୍ରହାଚାର୍ଯ୍ୟ ଓ ମୁଖ୍ୟବକ୍ତା ଡିସିବି ବ୍ୟାଙ୍କର ଶାଖା ପରିଚାଳକ ଅମିତାଭ ମିଶ୍ର ଯୋଗଦେଇଥିଲେ। ୨୦୨୦ ଜାନୁୟାରୀ ୮ରେ ଏହି ସଂଘ ଗଠନ ହେବା ପରେ ଅଦ୍ୟାବଧି କରୋନାରେ ହେଉ କିମ୍ବା ଅନ୍ୟ କାରଣରୁ ବହୁ ସଦସ୍ୟ ମୃତ୍ୟୁବରଣ କରିଛନ୍ତି। ସେମାନଙ୍କ ମଧରେ ସଂଘର ତତ୍କାଳୀନ ସେମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରଥମେ ସୁବାସ ଚନ୍ଦ୍ର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପେନ୍‌ସନ୍ ଭୋଗୀମାନଙ୍କର ସମସ୍ୟା ଜିଲା କୋଷାଗାର ଅଧିକାରୀ ବେହେରା ଓ ଏସବିଆଇର ମୁଖ୍ୟ ପରିଚାଳକ ମିଶ୍ରଙ୍କ ସହଯୋଗରେ ସମାଧାନ ହୋଇଛି ବୋଲି ସୂଚନା ଦେଇଥିଲେ। ସଂଘର ସାଧାରଣ ସମ୍ପାଦକ ହେମନ୍ତ କୁମାର ଜେନା ବାର୍ଷିକ ବିବରଣୀ ପାଠ କରିବା ସହ ବିଗତ ବର୍ଷରେ ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ସମ୍ମିଳନୀରେ ପୀତାମ୍ବର ଦାସଙ୍କୁ ସର୍ବସମ୍ମତି କ୍ରମେ ସଭାପତି ଓ ରବୀନ୍ଦ୍ରନାଥ ରଥଙ୍କୁ ସମୀକ୍ଷକ ଭାବେ ଚୟନ କରାଯାଇଥିଲା। ଶେଷରେ ଦିବାକର ଜେନା ଧନ୍ୟବାଦ ଦେଇଥିଲେ।

# ପ୍ରଶାସନ ଭାଙ୍ଗୁଛି, ଚାଷୀ ଘେରିବନ୍ଧ ବାନ୍ଧୁଛନ୍ତି

**କେନ୍ଦ୍ରାପଡା ଅଫିସ, ୬।୪**

- ଚିଙ୍ଗୁଡି ଘେରି ଉଚ୍ଛେଦ ନେଇ ହାଇକୋର୍ଟଙ୍କ ଅସନ୍ତୋଷ
- ସାଟେଲାଇଟ ଚିତ୍ର ଉତ୍ତୋଳନ ପାଇଁ ନିର୍ଦ୍ଦେଶ

ବେଆଇନ ଭାବେ ଗଢି ଉଠିଥିବା ଚିଙ୍ଗୁଡି ଘେରିପ୍ରତିହାଇକୋର୍ଟକଠୋର ହୋଇଛନ୍ତି। କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ସାଟେଲାଇଟ୍ ଚିତ୍ର ଆସନ୍ତା ୭ ତାରିଖରେ ଉପସ୍ଥାପନ ପାଇଁ ନିର୍ଦ୍ଦେଶ ଆସିଛି। ସୋମବାର ରାଜ୍ୟର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ଗଢ଼ି ଉଠୁଥିବା ବେଆଇନ ଚିଙ୍ଗୁଡି ଘେରି ସମ୍ପର୍କରେ ହାଇକୋର୍ଟ ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲାପାଳଙ୍କ ସହ ଭିଡିଓ କନ୍‌ଫରେନ୍‌ସିଂ ମାଧ୍ୟମରେ ଶୁଣାଣି ହୋଇଛି। ଏହି ଶୁଣାଣିରେ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ଚିଙ୍ଗୁଡି ଘେରି ଭଙ୍ଗା ଯାଇଥିବା ନେଇ ତଥ୍ୟ ଉପସ୍ଥାପନ କରିଛନ୍ତି। ଏହାସତ୍ତ୍ୱେ ସାଟେଲାଇଟ୍ ଚିତ୍ର ଉତ୍ତୋଳନ କରି ପ୍ରମାଣ ଦେଖାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାହା ଏବେ ଜିଲା ପ୍ରଶାସନ ପାଇଁ ମୁଣ୍ଡ ବିନ୍ଧାର କାରଣ ସାଜିଛି। ପ୍ରଶାସନ ପକ୍ଷରୁ ଭଙ୍ଗା ଯାଇଥିବା ଘେରିଗୁଡିକୁ ଚାଷୀ ପୁଣି ବନ୍ଧ ବାନ୍ଧି ଚାଷ ଚଳାଇଛନ୍ତି।

ଚିଙ୍ଗୁଡି ଘେରି ମାଲିକ କର୍ମନିଯୁକ୍ତିକୁ ଗୁରୁତ୍ୱ ଦେଉଥିବା ବେଳେ ପରିବେଶବିତ୍ ଓ ଚାଷୀ ଚିଙ୍ଗୁଡି ଘେରିର ବିଷମୟ ପରିବେଶ ପାଇଁ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ପରିବେଶବିତ୍ ହେମନ୍ତ କୁମାର ରାଉତ, ଅଶୋକ କୁମାର ସ୍ୱାଇଁ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ପ୍ରଭୁପ୍ରସାଦ ମହାପାତ୍ର, ହରେକୃଷ୍ଣ ପାତ୍ର ପ୍ରମୁଖ କହିଛନ୍ତି, ଆର୍ଦ୍ରଭୂମିର ସୁରକ୍ଷା ନିହାତି ଜରୁରୀ। ବିଶ୍ୱ ଐତିହ୍ୟ ତାଲିକାରେ ଭିତରକନିକା ସ୍ଥାନ ପାଇଛି। ଜୈବ ବିବିଧତା ଏଠାରେ ଥିଲେ ମଧ ଚିଙ୍ଗୁଡି ଘେରି ଏହାର ବିନାଶ କରୁଛି। ଜିଲାର ମହାକାଳପଡ଼ା, ରାଜନଗର, ରାଜକନିକା ବ୍ଲକ ଅଞ୍ଚଳରେ ପ୍ରାୟ ୧୫ ହଜାର ହେକ୍ଟର ଉପରେ ଚିଙ୍ଗୁଡି ଘେରି ବେଆଇନ ଭାବେ ନିର୍ମାଣ ହୋଇଛି। ଭିତରକନିକା ବନାଞ୍ଚଳ ନିଷିଦ୍ଧାଞ୍ଚଳ ଘୋଷଣା ହୋଇଥିଲେ ମଧ ଚିଙ୍ଗୁଡି ଚାଷୀଙ୍କ ଅବାଧ ପ୍ରବେଶ ବଢ଼ିଚାଲିଛି। ଚିଙ୍ଗୁଡି ଘେରିରୁ ଉଦ୍‌ବୃତ୍ତ ରାସାୟନିକ ଜଳ ହେନ୍ତାଳ ବଣକୁ ନଷ୍ଟ କରୁଛି। ଏଥିସହ ସମୁଦ୍ରରେ ଏହି ବିଷାକ୍ତ ଜଳ ମିଶିବା ପରେ ସାମୁଦ୍ରିକ ପ୍ରାଣୀଙ୍କ ସଂଖ୍ୟା ହ୍ରାସ ପାଉଛି। ଆର୍ଦ୍ରଭୂମିର ସୁରକ୍ଷା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ


ବଡଟୁବିରେ ହୋଇଥିବା ଚିଙ୍ଗୁଡି ଘେରି।

ହାଇକୋର୍ଟରେ ମାମଲା ହୋଇଛି। ହାଇକୋର୍ଟ ପକ୍ଷରୁ ଆମିକସକ୍ୟୁରୀ ନିଯୁକ୍ତ କରାଯାଇଛି। ଏହାସତ୍ତ୍ୱେ ଗତ ୪ ବର୍ଷ ଧରି ପ୍ରଶାସନ ପକ୍ଷରୁ ନାମକୁମାତ୍ର ଘେରି ଉଚ୍ଛେଦ ହେଉଛି। ପ୍ରଶାସନ ଘେରିର ଗୋଟିଏ ମୁଣ୍ଡର ବନ୍ଧ ଅଳ୍ପ କିଛି ମାତ୍ରାରେ ଭାଙ୍ଗୁଥିବା ବେଳେ ପରଦିନ ଏହି ସ୍ଥାନକୁ ଚାଷୀ ବନ୍ଧ ବାନ୍ଧୁଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଚାଷୀଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ ହେଉନାହିଁ। ସେହିପରି ହାଇକୋର୍ଟଙ୍କ ନିର୍ଦ୍ଦେଶ ଥିଲେ ମଧ୍ୟ ଆସବାବପତ୍ରକୁ ନଷ୍ଟ କରାଯାଉନାହିଁ। ଘେରିର ଉଦ୍‌ବୃତ୍ତ ଜଳ ସ୍ଥାନୀୟ ଧାନ ଓ ଅନ୍ୟ ଅର୍ଥକରୀ ଫସଲକୁ ନଷ୍ଟ କରୁଛି। ସେହିପରି ଲୁଣା ଜଳ ଘେରି ନିକଟକୁ ଆଣିବାକୁ କେନାଲର ମଧୁର ଜଳ ପ୍ରବେଶକୁ ବନ୍ଦ କରାଯାଉଛି। ଉପାନ୍ତ ଅଞ୍ଚଳରେ ଚିଙ୍ଗୁଡି ଘେରିର ଅପକାରିତା ନେଇ ସଚେତନତା କାର୍ଯ୍ୟକ୍ରମ ସହ ଘେରିକୁ ନଷ୍ଟ ପାଇଁ ପରିବେଶବିତ୍‌ମାନେ ମତ ଦେଇଛନ୍ତି। ଅପରପକ୍ଷରେ କେତେଜଣ ଚିଙ୍ଗୁଡି ଘେରି ମାଲିକ ଦର୍ଶାଇଛନ୍ତି, ଏହାଦ୍ୱାରା କର୍ମନିଯୁକ୍ତି ମିଳୁଛି। ଏ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରା କହିଛନ୍ତି, ବେଆଇନ ଚିଙ୍ଗୁଡି ଘେରିର ଉଚ୍ଛେଦ ଚାଲିଛି। ଜିଲା ପ୍ରଶାସନ ପକ୍ଷରୁ ଅଦ୍ୟାବଧି ୩୦୦୮ ଏକର ଅଞ୍ଚଳରୁ ଚିଙ୍ଗୁଡି ଘେରି ଉଚ୍ଛେଦ ହୋଇଛି। ଅମାନିଆ ଚାଷୀଙ୍କ ବିରୋଧରେ ମାମଲା ରୁଜୁ ପାଇଁ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିବା ସେ ପ୍ରକାଶ କରିଛନ୍ତି।

## ଅପହୃତା ନାବାଳିକା ହାଇଦ୍ରାବାଦରୁ ଉଦ୍ଧାର

**ବାଲିକୁଦା,୬।୪(ସ୍ୱ.ପ୍ର)**

ବାଲିକୁଦା ଥାନା ଅଞ୍ଚଳରୁ ଅପହରଣ ହୋଇଥିବା ନାବାଳିକାଙ୍କୁ ବୁଧବାର ହାଇଦ୍ରାବାଦରୁ ଉଦ୍ଧାର କରାଯାଇଛି। ଏଥିସହ ଅଭିଯୁକ୍ତ ମନୋରଞ୍ଜନ ବେହେରା ଓରଫ ଦଧିଆକୁ ବାଲିକୁଦା ପୋଲିସ କାବୁ କରିବାରେ ସଫଳ ହୋଇଛି। ଗତ ଡିସେମ୍ବର ୨ ତାରିଖରେ ଦଧିଆ ସମ୍ପୃକ୍ତା ନାବାଳିକାଙ୍କୁ ଅପହରଣ କରିନେଇ ଚେନ୍ନାଇ ପଳାଇଯାଇଥିଲେ । ସେଠାରୁ ସେ ହାଇଦ୍ରାବାଦ ଯାଇଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା । ଏହାକୁ ଭିତ୍ତି କରି ପୋଲିସ ପକ୍ଷରୁ ମାମଲା (ନଂ.୪୨୮/୨୧) ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ଅଭିଯୁକ୍ତଙ୍କ ମୋବାଇଲ ଫୋନ ବନ୍ଦ ରହୁଥିବାରୁ ତାଙ୍କୁ ଠାବ କରିବା ସମ୍ଭବ ହୋଇ ନ ଥିଲା। ଅପରପକ୍ଷେ ଝିଅକୁ ଉଦ୍ଧାର କରିବାରେ ବିଳମ୍ବ ହେବାରୁ ସମ୍ପୃକ୍ତା ନାବାଳିକାଙ୍କ ପରିବାର ପକ୍ଷରୁ ମାନବାଧିକାର ଆୟୋଗଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। କୌଣସି ସୂତ୍ରରୁ ନାବାଳିକାଙ୍କ ସମ୍ପର୍କରେ ସୂଚନା ପାଇ ବାଲିକୁଦା ଥାନା ଏସ୍‌ଆଇ ବିଶ୍ୱଜିତ୍ ଗଡ଼ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ହାଇଦ୍ରାବାଦ ଯାଇ ଅଭିଯୁକ୍ତଙ୍କୁ ଧରିଛି।

## ବିଜ୍ଞାନ ମେଳାରେ ୨୫୯ ପ୍ରକଳ୍ପ ପ୍ରଦର୍ଶିତ

**ବାଲିକୁଦା/ବିରିଡ଼ି,୬।୪(ସ୍ୱ.ପ୍ର./ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲାର ବାଲିକୁଦା ଓ ବିରିଡ଼ି ବ୍ଲକରେ ବୁଧବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବାଲିକୁଦାରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ସ୍ଥାନୀୟ ହାଇସ୍କୁଲରେ ଆୟୋଜନ ହୋଇଥିଲା। ଏଠାରେ ମୋଟ୍ ୯୧ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିରୁ ୯ଟି ପ୍ରକଳ୍ପକୁ ଜିଲାସ୍ତରକୁ ମନୋନୀତ କରାଯାଇଛି। ବିଜ୍ଞାନ ମେଳାର ଉଦ୍‌ଘାଟନୀ ଉତ୍ସବରେ ବିଇଓ ବାଇଧର ତ୍ରିପାଠୀ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବାଲିକୁଦା ବ୍ଲକ ଅଧକ୍ଷ ପ୍ରକାଶ ପ୍ରଧାନ, ସମ୍ମାନିତ ଅତିଥି ପ୍ରିୟମ୍ବଦା ପଲାଉର, ଜିଲା ପରିଷଦ ସଦସ୍ୟ ଜଟାଧାରୀ ଦାସ, ବିଡିଓ ଡ. କଲ୍ୟାଣ ସୌରଭ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ମେଳାର ୨ୟ ପର୍ଯ୍ୟାୟରେ ସରୋଜକାନ୍ତ ସ୍ୱାଇଁଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ବୈଜ୍ଞାନିକ ଡ. ଚିତ୍ତରଞ୍ଜନ ମିଶ୍ର, ମୁଖ୍ୟବକ୍ତା ମାୟାଧର ସ୍ୱାଇଁ, ସମ୍ମାନିତ ଅତିଥି ସରପଞ୍ଚ ରାଜକିଶୋର ସାହୁ, ଜିଲା ସହ ଶିକ୍ଷାଧିକାରିଣୀ ରାଜଶ୍ରୀ ସାହୁ, ଜିଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ, ଏବିଇଓ ଶରତ ମହାନ୍ତି, ଆଦିକନ୍ଦ ଦାସ ପ୍ରମୁଖ ଯୋଗଦେଇଥିଲେ।

ସେହିପରି ବିରିଡ଼ିରେ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ପୁରଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକର ୧୬୮ ବିଜ୍ଞାନ ପ୍ରକଳ୍ପ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା। ସେଥିରୁ ୬ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ବିଇଓ ସର୍ବେଶ୍ୱର ବିଶ୍ୱାଳ ସଭାପତିତ୍ୱ କରିଥିବାବେଳେ ବ୍ଲକ ଅଧକ୍ଷା ମମତା ପାତ୍ର ମେଳାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଉପାଧକ୍ଷା ପିନାକୀ ପ୍ରିୟଦର୍ଶିନୀ, ଜିଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ସରପଞ୍ଚ ଯୁଧିଷ୍ଠିର ବେହେରା, ସମିତି ସଭ୍ୟା ମାମିନା ସିଂ, ଏବିଇଓ ରାଜଶ୍ରୀ ସାହୁ, ବିଜ୍ଞାନ ସୁପର ଭାଇଜର ଜୀବନ କୁମାର ସାହୁ, ଏବିଇଓ କନକଲତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ମୁଖ୍ୟବକ୍ତା ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ରାଉତ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।


ବାଲିକୁଦା ଉଚ୍ଚ ବିଦ୍ୟାଳୟରେ ପିଲାମାନେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରୁଛନ୍ତି।

## ଅନ୍‌ଲାଇନ୍ ଗେମ୍ ହେଲା କାଳ: ଜୀବନ ହାରିଲେ ଯୁବକ

**ଡେରାବିଶ, ୬।୪(ସ୍ୱ.ପ୍ର.)**

ଅନ୍‌ଲାଇନରେ ଗେମ୍ ଖେଳ ଜଣେ ଯୁବ ଇଞ୍ଜିନିୟରଙ୍କ ପାଇଁ କାଳ ସାଜିଛି। ଖେଳ ଖେଳି ତାଙ୍କ ସର୍ବସ୍ୱ ଅର୍ଥ ହରାଇ ଦେବା ପରେ ଆତ୍ମହତ୍ୟାର ବାଟକୁ ଆପଣେଇ ନେଇଛନ୍ତି। ଏଭଳି ଦୁଃଖଦ ଘଟଣା ଘଟିଛି ଡେରାବିଶ ବ୍ଲକ ହରିଅଙ୍କ ଗାଁର ଯୁବ ଇଞ୍ଜିନିୟରଙ୍କ କ୍ଷେତ୍ରରେ। ତାଙ୍କ ମୃତ୍ୟୁର ଖବର ଗାଁରେ ପହଞ୍ଚିବା ପରେ ସମସ୍ତଙ୍କୁ ସ୍ତବ୍ଧ କରି ଦେଇଛି। ହରିଅଙ୍କ ଗାଁର ଖଗେଶ୍ୱର ରାଉଳଙ୍କ ପୁଅ ଇଂ. ଦେବାଶିଷ ଜଣେ ମେଧାବୀ ଛାତ୍ର ଭାବେ ମାଟ୍ରିକ ଓ ଯୁକ୍ତ ୨ ବିଜ୍ଞାନରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଇଞ୍ଜିନିୟରିଂ ପାଠ ପଢ଼ିଥିଲେ। ଇଞ୍ଜିନିୟରିଂ ପାଶ୍ କଲାପରେ ସେ ଢେଙ୍କାନାଳରେ ଖଜୁରିଆକଟା ବିଦ୍ୟୁତ୍ ବିଭାଗରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ଚାକିରି ସହ ଜଣେ ଯୁବ ସାମାଜିକ କର୍ମୀ ଭାବେ ରକ୍ତଦାନ ଶିବିର ଓ ନିଜ ଅଞ୍ଚଳରେ ଭଲିବଲ ଟୁର୍ନାମେଣ୍ଟର ସକ୍ରିୟ ଆୟୋଜକ ରହିଥିଲେ। କିଛିଦିନ ହେଲା ମୋବାଇଲରେ ଅନ୍‌ଲାଇନ୍ ଗେମ୍ ଖେଳି ବହୁ ଅର୍ଥ ହରାଇବା ସହ ଧାର କରଜରେ ସେ ବୁଡ଼ି ରହିଥିଲେ। ପରେ ମାନସିକ ଭାରସାମ୍ୟ ହରାଇ ଖଜୁରିଆକଟା ଥାନା ଅଧୀନ ନିଜ ରୁମ୍‌ରେ ମଙ୍ଗଳବାର ଗାମୁଛାରେ ଝୁଲି ଆତ୍ମହତ୍ୟା କରିଥିଲେ। ପୋଲିସ ମୃତଦେହ ଜବତ କରିବା ପରେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇଥିଲା। ବୁଧବାର ମୃତଦେହକୁ ନିଜ ଜନ୍ମସ୍ଥାନ ହରିଅଙ୍କକୁ ଅଣାଯାଇଥିଲା। ତାଙ୍କ ମରଶରୀରକୁ ଦାନପୁରଠାରୁ ଗ୍ରାମ ଶ୍ମଶାନ ଯାଏ ଶୋଭାଯାତ୍ରାରେ ନିଆଯାଇଥିଲା। ହରିଅଙ୍କ ଫୁଟ୍‌ବଲ ଟୁର୍ନାମେଣ୍ଟ ପଡ଼ିଆ ନିକଟରେ ତାଙ୍କୁ କର୍ମକର୍ତ୍ତାମାନେ ଶେଷ ସମ୍ମାନ ଜଣାଇଥିଲେ। ଶେଷକୃତ୍ୟ ସମୟରେ ଉପସ୍ଥିତ ରହିଥିବା ବୁଦ୍ଧିଜୀବୀମାନେ ସରକାରଙ୍କ ପକ୍ଷରୁ ଏଭଳି ଅନ୍‌ଲାଇନ୍ ଜୁଆଖେଳ ଉପରେ କୌଣସି କଟକଣା ରହୁ ନ ଥିବାରୁ ଅକାଳରେ ଯୁବକମାନଙ୍କ ଜୀବନ ଯାଉଛି ବୋଲି କହିଥିଲେ।

## ଛାତ୍ରୀଛାତ୍ରଙ୍କ ଉପସ୍ଥାନ ପାଇଁ ସଚେତନତା ରଥ

**ରଘୁନାଥପୁର,୬।୪(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକର ସମସ୍ତ ସ୍କୁଲରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଶତପ୍ରତିଶତ ଉପସ୍ଥାନ ପାଇଁ ବୁଧବାର ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ସଚେତନତା ରଥ ଆରମ୍ଭ କରାଯାଇଛି। ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ। ଗତ ୨ ବର୍ଷ ଧରି କୋଭିଡ କଟକଣା ଯୋଗୁଁ ସ୍କୁଲଗୁଡ଼ିକ ବନ୍ଦ ଥିଲା। ଏହା ଖୋଲିବା ପରେ ଶ୍ରେଣୀରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ହ୍ରାସ ପାଇଛି। ଏନେଇ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରତେକ ଗ୍ରାମରେ ଛାତ୍ରୀଛାତ୍ର, ଅଭିଭାବକ ଓ ଜନସାଧାରଣଙ୍କ ମନରେ ସ୍କୁଲ ପାଠପଢ଼ା ପ୍ରତି ସଚେତନତା ସୃଷ୍ଟି କରିବା ଏହି ରଥର ମୂଳ ଉଦ୍ଦେଶ୍ୟ ବୋଲି ଶିକ୍ଷାଧିକାରୀ ସ୍ୱାଇଁ କହିଛନ୍ତି। କାର୍ଯ୍ୟକ୍ରମରେ ସହକାରୀ ବ୍ଲକ ଶିକ୍ଷାଧିକାରୀ ମେନକା ମହାପାତ୍ର ଓ ସବିତା ଦାସ, ସିଆର୍‌ସିସି ଦିଲୀପ ମହାନ୍ତି, ତରୁଣ କୁମାର ଜେନା, ସୋନା ମହାନ୍ତି, ସୁକାନ୍ତ ଦ୍ୱିବେଦୀ, ହିମାଂଶୁ ଦ୍ୱିବେଦୀ, ବିରୂପାକ୍ଷ ସେଠୀ ଓ ନିର୍ମଳେନ୍ଦୁ ସୋମ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ମତ୍ସ୍ୟଚାଷ ପ୍ରଶିକ୍ଷଣ


ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥିମାନେ।

**ଡେରାବିଶ, ୬।୪(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ସଭାକକ୍ଷରେ ବୁଧବାର ଡେରାବିଶ ଓ ରାଜନଗର ବ୍ଲକର ୧୬ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭାପତି ଓ ସମ୍ପାଦିକାଙ୍କୁ ମତ୍ସ୍ୟଚାଷ ଲାଗି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟଅତିଥି ଭାବେ ବିଡିଓ ଗୋପବନ୍ଧୁ ଭୋସାଗର, ସମ୍ମାନୀତ ଅତିଥି ଜିଲା ମତ୍ସ୍ୟ ଅଧିକାରିଣୀ ମମତା ମହାପାତ୍ର, ମୁଖ୍ୟବକ୍ତା, ଜିଲା ଅତିରିକ୍ତ ମତ୍ସ୍ୟ ଅଧିକାରୀ ମହମ୍ମଦ ଫିରୋଜ ଖାଁ ଓ ଅନ୍ୟତମ ବକ୍ତା ଭାବେ ଡେରାବିଶ ବ୍ଲକ ମିଶନ ଶକ୍ତିର ବିପିସି କୈଳାସ ଚନ୍ଦ୍ର ବାରିକ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଭାବେ ୱାଲ୍ଡ ଫିସ୍‌ର ଜୋନାଲ୍ ମ୍ୟାନେଜର ସୌରଭ ବିଶ୍ୱାଳ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାକୁ ରାଜ୍ୟ ସରକାର ମତ୍ସ୍ୟ ବିଭାଗ ପକ୍ଷରୁ ଏହି ଶିବିରର ହୋଇଛି। ମହିଳାମାନଙ୍କୁ ମାଛ ଚାଷ ପାଇଁ ପୋଖରୀର ପାଣି ପରୀକ୍ଷା କରିବାକୁ ବିଭିନ୍ନ ସାମଗ୍ରୀ ଓ ପ୍ଲାଙ୍କଟନ୍ ନେଟ୍ ପ୍ରଦାନ କରିଥିଲେ। ମାଛ ଚାଷ କରି ମହିଳାମାନେ ସ୍ୱାବଲମ୍ବୀ ହେବା ସହ କେନ୍ଦ୍ରାପଡ଼ା ଜିଲାରେ ଅଧିକ ମାଛ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି କହିଥିଲେ। ଏହାକୁ ବ୍ଲକର ଯଯାତି କେଶରୀ ବେଉରା, ପ୍ରିୟସି ସାମଲ, ସମୀର ରଞ୍ଜନ ଦାସ, ସୁଶାନ୍ତ କୁମାର ମଲ୍ଲିକ, ସରୋଜକାନ୍ତ ଖୁଣ୍ଟିଆ ପ୍ରମୁଖ ପରିଚାଳନା କରିଥିଲେ।

## ପେନସନ ସଂଘ ବୈଠକ

**ପାରାଦୀପ,୬।୪(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ସେବା ନିବୃତ୍ତ କର୍ମଚାରୀ ସଂଘ ୧୧ ତମ ସାଧାରଣ ବୈଠକ ନୂଆବଜାରସ୍ଥିତ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଯତିକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କୋଭିଡ୍‌ରେ ମୃତ୍ୟୁବରଣ କରିଥିବା ମୃତକଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ପେନସନଧାରୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ମେ ମାସ ୬ ତାରିଖରେ ପୋର୍ଟ କ୍ଲବଠାରେ ପରବର୍ତ୍ତୀ ବୈଠକ ଓ କର୍ମକର୍ତ୍ତା ଚୟନ କରାଯିବ ବୋଲି ବରିଷ୍ଠ ସଭ୍ୟ ନିମାଇଁ ଚରଣ ପଣ୍ଡା କହିଛନ୍ତି।

## ଲଫାପାରେ ବିଜେଡି ପ୍ରାର୍ଥୀଙ୍କ ନାଁ, କଂଗ୍ରେସରୁ ରମେଶ

**କେନ୍ଦ୍ରାପଡ଼ା ଅଫିସ, ୬।୪**

**କେନ୍ଦ୍ରାପଡ଼ା ପୌର ଉପାଧକ୍ଷ ନିର୍ବାଚନ**

କେନ୍ଦ୍ରାପଡ଼ା ପୌର ଉପାଧକ୍ଷ ନିର୍ବାଚନ ଗୁରୁବାର ଅନୁଷ୍ଠିତ ହେବ। ତେବେ ଶେଷ ପର୍ଯ୍ୟନ୍ତ ବିଜେଡି ପ୍ରାର୍ଥୀଙ୍କ ନାମ ଲଫାପା ମଧରେ ରହିବ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ଅପରପକ୍ଷରେ କଂଗ୍ରେସ ପକ୍ଷରୁ କାଉନସିଲର ରମେଶ ଚନ୍ଦ୍ର ଦାସ ଉପାଧକ୍ଷ ପଦବୀ ପାଇଁ ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି ବୈଠକରୁ ଜଣାପଡିଛି। ପୌର ନିର୍ବାଚନର ଫଳ ପ୍ରକାଶ ପରେ ୧୧ ୱାର୍ଡରେ ବିଜେଡି ବିଜୟୀ ହୋଇଛି। ସେହିପରି କଂଗ୍ରେସ ଏଠାରେ ୫ଟି ଆସନ ହାସଲ କରିଥିବା ବେଳେ ଗୋଟିଏ ୱାର୍ଡରେ ଭାଜପା ଜିତିଛି। ତେବେ ବିଜେଡିର ଦଳୀୟ ଶୃଙ୍ଖଳା ଭଙ୍ଗ କରି ହୋଇଥିବା ପ୍ରାର୍ଥୀଙ୍କ ମଧରୁ ୪ ଜଣ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟୀ ହୋଇଛନ୍ତି। ରିପୋର୍ଟ ଲେଖା ପର୍ଯ୍ୟନ୍ତ ଏହି ବିଜୟୀ କାଉନସିଲରଙ୍କ ଉପରୁ ଦଳୀୟ ନିଲମ୍ବନ ଆଦେଶ ହଟିନାହିଁ। ଏଥିପାଇଁ ଉପାଧକ୍ଷ ପଦରେ ଥିବା ମ୍ୟାଜିକ ନଂ. ୧୧ ସତ୍ତ୍ୱେ ବିଜେଡି ପ୍ରାର୍ଥୀଙ୍କ ନାମ ଗୋପନରେ ରଖାଯାଇଛି। ପୂର୍ବାହ୍ନରେ କାଉନସିଲରଙ୍କ ଶପଥ ପାଠ ପରେ ଉପାଧକ୍ଷ ନିର୍ବାଚନ ହେବ। ସେହି ସମୟରେ ପୌରାଞ୍ଚଳ ଉପାଧକ୍ଷ ନିର୍ବାଚନ ପାଇଁ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ଆଳି ବିଧାୟକ ପ୍ରାର୍ଥୀଙ୍କ ନାମ ଜଣାଇବେ ବୋଲି ପ୍ରାଥମିକ ସୂଚନା ମିଳିଛି। ଅପରପକ୍ଷରେ ନଗର କଂଗ୍ରେସ ପକ୍ଷରୁ ଉପାଧକ୍ଷ ପଦ ଲଢ଼ିବା ପାଇଁ ବୁଧବାର ନିଷ୍ପତ୍ତି ନିଆଯାଇଛି। ନଗର କଂଗ୍ରେସ ସଭାପତି ରାଜେଶ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନବନିର୍ବାଚିତ ୫ କାଉନ୍‌ସିଲରଙ୍କ ସମେତ ବରିଷ୍ଠ ନେତା ଗଣେଶ୍ୱର ବେହେରା, ହିଫଜୁର ରହେମାନ, ଗୋପୀନାଥ ବାରିକ, ସଞ୍ଜୟ ରାଉତ, ଆଶିଷ ମେକାପ ପ୍ରମୁଖ ଯୋଗ ଦେଇଥିଲେ। ଏଠାରେ ରମେଶ ଉପାଧକ୍ଷ ପଦ ପାଇଁ ପ୍ରାର୍ଥିପତ୍ର ଦାଖଲ କରିବାକୁ ନିଷ୍ପତ୍ତି ସହ କାଉନସିଲର ଜୟନ୍ତୀ ପାଣି ଦଳୀୟ କାଉନସିଲରଙ୍କ ନେତୃତ୍ୱ ନେବେ ବୋଲି ମତ ମିଳିଥିଲା। ସୂଚନାଯୋଗ୍ୟ, ବିରୋଧୀ କଂଗ୍ରେସ, ଭାଜପା, ସ୍ୱାଧୀନଙ୍କ ସହ ଗୋଟିଏ ବିଜେଡି ଭୋଟ ହାତେଇଲେ ପୌର ନିର୍ବାଚନ ଫଳ ଓଲଟପାଲଟ ହୋଇଯିବ।

## ବାଳିକାଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ

**ରଘୁନାଥପୁର,୬।୪(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୁପାନନ୍ଦ ଜୁନିୟର କଲେଜ ପକ୍ଷରୁ ୭ ଦିନ ଧରି ଚାଲିଥିବା ବାଳିକା ଆତ୍ମସୁରକ୍ଷା କୌଶଳ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅଧକ୍ଷ ସୁକାନ୍ତ କୁମାର ମହାନ୍ତି ଯୋଗଦେଇ ପ୍ରତ୍ୟେକ ବାଳିକା ଆତ୍ମସୁରକ୍ଷା କୌଶଳ ଆପଣେଇବା ଅତ୍ୟନ୍ତ ଜରୁରୀ। ଏହା ସୁରକ୍ଷା ପ୍ରଦାନ କରିବା ସହ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରଖେ। ସମ୍ମାନିତ ଅତିଥି ଭାବେ ଅଧାପକ ରମେଶ ଚନ୍ଦ୍ର ସାହୁ, ସୁମନ୍ତ ଚନ୍ଦ୍ର ଦାସ, କମଳ ଲୋଚନ ଆଚାର୍ଯ୍ୟ, ଏସ. କେ. ଅସଲମ ଅଲ୍ଲୀ, ପୁଷ୍ପଲତା ଦାଶ ଓ କୁମୁଦିନି ଦ୍ୱିବେଦୀ ପ୍ରମୁଖ ଯୋଗ ଦେଇଥିଲେ। ପୋଗ୍ରାମ ଅଫିସର ବାସନ୍ତୀଲତା ସାହୁ ଏହାକୁ ପରିଚାଳନା କରିଥିଲେ। ଏହି ଅବସରରେ ଯୁକ୍ତ ୨ ପ୍ରଥମ ବର୍ଷର ୧୧୮ ଜଣ ଛାତ୍ରୀଙ୍କୁ ମାଷ୍ଟର ଟ୍ରେନର ରଶ୍ମିତା ବିଶ୍ୱାଳ ପ୍ରଶିକ୍ଷଣ ଦେଇଥିଲେ। ଛାତ୍ରୀମାନେ ଶିଖିଥିବା କୌଶଳକୁ ପ୍ରଦର୍ଶନ କରିଥିଲେ। କ୍ରୀଡା ଶିକ୍ଷକ ତ୍ରିଲୋଚନ ମହାପାତ୍ର ଓ ଗୌରାଙ୍ଗ ଚରଣ ସେଠୀ ଏଥିରେ ସହଯୋଗ କରିଥିଲେ।



ଅତିଥିଙ୍କ ଆଗରେ ଶିଖିଥିବା ଆତ୍ମ କୌଶଳକୁ ଛାତ୍ରୀମାନେ ପ୍ରଦର୍ଶିତ କରୁଛନ୍ତି।

# ଆଳିପିଙ୍ଗଳ ପୋଲ ପାର୍ଶ୍ୱ ଲୌହ ଫାଟକ ହଟାଇବାକୁ ରାସ୍ତାରୋକୋ

**ଜଗତ୍‌ସିଂହପୁର ଅଫିସ, ୬।୪**

- ଭାରିଯାନ ଚଳାଚଳ ପାଇଁ ବ୍ୟବସ୍ଥା ହେଉ
- କଟକ, ଜଗତ୍‌ସିଂହପୁର ଜିଲାବାସୀଙ୍କ ଅଭିଯୋଗ

ଜଗତ୍‌ସିଂହପୁର ଜିଲା ଆଳିପିଙ୍ଗଳ ନିକଟ ଦେବୀ ନଦୀ ଉପରେ ଥିବା ପୋଲ ପାର୍ଶ୍ୱରେ ଲୌହ ଫାଟକ ନିର୍ମାଣ କରାଯାଉଛି। ଭାରିଯାନ ଚଳାଚଳ ଦ୍ୱାରା ପୋଲ ପ୍ରତି ବିପଦ ଆଶଙ୍କା କରି ଜିଲାପାଳଙ୍କ ନିର୍ଦ୍ଦେଶରେ ଜଗତ୍‌ସିଂହପୁର ପୂର୍ତ୍ତ ବିଭାଗ ପକ୍ଷରୁ ଏହାକୁ ବର୍ଷେ ପାଖାପାଖି ହେବ ନିର୍ମାଣ କରାଯାଉଛି। ଏହାଦ୍ୱାରା ପୋଲ ଉଭୟ ପାର୍ଶ୍ୱରେ ଥିବା କଟକ ଓ ଜଗତ୍‌ସିଂହପୁର ଜିଲା ଅଧିବାସୀଙ୍କ କ୍ଷତିରେ ପଡୁଥିବା ଅଭିଯୋଗ ହୋଇଛି। ଆଳିପିଙ୍ଗଳ ପଟେ ନିର୍ମାଣ ହୋଇଥିବା ଲୌହ ଫାଟକ ଯୋଗୁ ଭାରିଯାନ, ଉଚ୍ଚ ଥିବା ବସ୍ ଚଳାଚଳରେ ବ୍ୟାଘାତ ସୃଷ୍ଟି ହେଉଛି। ତୁରନ୍ତ ଫାଟକ ହଟାଇ ଭାରିଯାନ ଯାତାୟାତର ସୁବନ୍ଦୋବସ୍ତ କରିବାକୁ ବୁଧବାର ଶାସନପଦାର ଶତାଧିକ ଲୋକ ପୋଲରେ ବାଉଁଶ ବାନ୍ଧିବା ସହ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ସକାଳୁ ଆନ୍ଦୋଳନକାରୀମାନେ ଲୌହ ଫାଟକ ହଟାଇବା ଦାବି କରିବା ସହ ଜଗତ୍‌ସିଂହପୁର ଜିଲା ପ୍ରଶାସନ ନିଷ୍ପତ୍ତିକୁ ବିରୋଧ କରିଥିଲେ।

ସେମାନଙ୍କ କହିବାନୁଯାୟୀ, ଜଗତ୍‌ସିଂହପୁର ଓ କଟକ ଜିଲାର ଅଡ଼ଶପୁର ସହ ସଂଯୋଗ କରୁଥିବା ଏହି ରାସ୍ତାରେ ପ୍ରତ୍ୟହ ବହୁ ଲୋକ, ଯାନବାହାନ ଚଳାଚଳ କରେ। ଏପରିକି ବସ୍, ଟ୍ରକ, ଟ୍ରାକ୍ଟର ଓ ଆମ୍ବୁଲାନ୍ସ ସମେତ ଭାରିଯାନ ଯାତୟାତ କରିଥାଏ। କିନ୍ତୁ ଏହି ଲୌହ ଗେଟ ହେବା ଦ୍ୱାରା ଯାନବାହାନ ଚଳାଚଳରେ ବାଧା ଉପୁଜିଛି। ଏହାକୁ ଦୃଷ୍ଟିରେ ରଖି ଲୌହ ଫାଟକ ହଟାଇବାକୁ ଦାବି କରାଯାଇଛି। ଏହାପରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଗୁରୁବାର ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀଙ୍କ ସହ ଆଲୋଚନା ପରେ କ୍ଷେତ୍ର ପରିଦର୍ଶନ କରାଯିବ। ତା'ପରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଉପଜିଲାପାଳ ମଲ୍ଲିକ କହିଥିବା ଆନ୍ଦୋଳନର ନେତୃତ୍ୱ ନେଇଥିବା ଅନ୍ତର୍ଯ୍ୟାମୀ ବଡୁ ସୂଚନା ଦେଇଛନ୍ତି। ଏହି ଆନ୍ଦୋଳନରେ ରାଜେନ୍ଦ୍ର ରାଉତ, ସୁଶାନ୍ତ ଭୋଇ ଓ ମନୋଜ ନାୟକଙ୍କ ସମେତ ଶତାଧିକ ମହିଳାପୁରୁଷ ଯୋଗ ଦେଇଥିଲେ। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ନିମାଇଁ ଚରଣ ଦାସଙ୍କୁ ପଚାରିବାରୁ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଲୌହ ଫାଟକ ନିର୍ମାଣ ହୋଇଛି। ପୋଲଟି ଅସୁରକ୍ଷିତ ଘୋଷଣା ହୋଇ ନ ଥିଲେ ସୁଦ୍ଧା ସୁରକ୍ଷା ଦୃଷ୍ଟିରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଜିଲା ପ୍ରଶାସନ ଯେଉଁ ନିଷ୍ପତ୍ତି ନେବ ତାହା କରାଯିବ ବୋଲି ସେ କହିଛନ୍ତି।



ଆଳିପିଙ୍ଗଳ ଶାସନପଦା ପାର୍ଶ୍ୱରେ ଲୌହ ଗେଟ ଉଚ୍ଛେଦ ପାଇଁ କରାଯାଇଥିବା ରାସ୍ତାରୋକୋରେ ସାମିଲ ମହିଳାପୁରୁଷମାନେ।

## ସଂକ୍ଷେପରେ

### ଖଳିସାହି ଗ୍ରାମରୁ କୁଟୁରା ଛୁଆ ଉଦ୍ଧାର



**ଖଣ୍ଡପଡ଼ା,୬।୪(ସ୍ୱ.ପ୍ର.):** କିଛି ଦିନ ବ୍ୟବଧାନ ପରେ ପୁଣି ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଗ୍ରାମ ବଜାରରୁ ଏକ କୁଟୁରା ଛୁଆକୁ ସ୍ଥାନୀୟ ବାସିନ୍ଦା ଉଦ୍ଧାର କରି ବନବିଭାଗ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛନ୍ତି । ବୁଧବାର ସକାଳ ଜନଗହଳି ପୂର୍ଣ୍ଣ ସ୍ଥାନରେ କୁଟୁରା ଛୁଆଟି ବୁଲୁଥିବା ନେଇ ଗ୍ରାମବାସୀଙ୍କ ନଜରକୁ ଆସିଥିଲା । ଜାଲପକାଇ କୁଟୁରା ଛୁଆଟିକୁ ଧରାଯାଇଥିଲା । ଖବରପାଇ ବନ କର୍ମଚାରୀ ଶ୍ରୀନିବାସ ଦାଶ ଘଟଣାସ୍ଥଳରେ ପହଞ୍ଚିବା ପରେ ଗ୍ରାମବାସୀ କୁଟୁରା ଛୁଆକୁ ତାଙ୍କୁ ହସ୍ତାନ୍ତର କରିଥିଲେ । କିଛି ସମୟ ପରେ ନିକଟସ୍ଥ ସାପୁଆ ସଂରକ୍ଷିତ ଜଙ୍ଗଲରେ କୁଟୁରା ଛୁଆଟିକୁ ଅକ୍ଷତ ଅବସ୍ଥାରେ ଛାଡି ଦିଆଯାଇଥିବା ଖବର ମିଳିଛି ।

### ଗଣେଶଙ୍କ ହାଜତ ମୃତ୍ୟୁ ମାମଲା ଶୁଣାଣି

ଗୋପାଳପୁର,୬।୪(ଡି.ଏନ.ଏ.): ଗୋଳନ୍ଥରା ଥାନାରେ ଗତ ବର୍ଷ ମେରେ ଗଣେଶ ଡାକୁଆଙ୍କ ହାଜତ ମୃତ୍ୟୁ ହୋଇଥିଲା। ଓଡ଼ିଶା ହାଇକୋର୍ଟରେ ସିବିଆଇ ତଦନ୍ତ ପାଇଁ ମୃତ ଗଣେଶଙ୍କ ମା' ଶୋଭା ଡାକୁଆ ନିବେଦନ କରିଥିଲେ। ଜଣକିଆ ଖଣ୍ଡପୀଠ ଜଷ୍ଟିସ୍ ବିଶ୍ୱଜିତ ମହାନ୍ତିଙ୍କ କୋର୍ଟରେ ମା' ଶୋଭାଙ୍କ ଓକିଲ ଗୋପାଳ ପ୍ରସାଦ ଜେନା ଏହି ମାମଲାରେ ରାଜନୈତିକ ବ୍ୟକ୍ତି ଓ ପୋଲିସ ସମ୍ପୃକ୍ତ ଥିବା ଯୋଗୁ ପୋଲିସ ତଦନ୍ତ କଲେ ନ୍ୟାୟ ମିଳିବ ନାହିଁ, ଏହି ତଦନ୍ତ ସିବିଆଇ ହସ୍ତାନ୍ତର କରାଯାଉ ବୋଲି ପ୍ରାର୍ଥନା କରିଥିଲେ। ଅନ୍ୟପଟେ ସରକାରୀ ଓକିଲ ପୌର ନିର୍ବାଚନ ହୋଇଥିବା ଯୋଗୁ ଅଧିକାରୀମାନେ ବ୍ୟସ୍ତ ରହିଛନ୍ତି। ଏନେଇ ସମୟ ଦିଆଯାଉ ବୋଲି କୋର୍ଟକୁ ପ୍ରାର୍ଥନା କରିଥିଲେ। ଜଷ୍ଟିସ ଉଭୟ ପକ୍ଷଙ୍କ ଶୁଣାଣି କରି ଆସନ୍ତା ୨୨ରେ ପରବର୍ତ୍ତି ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରିଛନ୍ତି। ସୂଚନାଥାଉକି, ଗତ ବର୍ଷ ମେ ୩ରେ ଗୋଳନ୍ଥରା ଥାନା ଅନ୍ତର୍ଗତ ରଙ୍ଗିପୁର ଗ୍ରାମର ଗଣେଶ ଡାକୁଆ ଓ ଅନ୍ୟ ବ୍ୟକ୍ତିମାନଙ୍କ ସହ କୌଣସି ଏକ କାରଣକୁ ନେଇ ଝଗଡ଼ା ହୋଇଥିଲା। ପରେ ଗୋଳନ୍ଥରା ଥାନା ପୋଲିସ ମୌଖିକ ଅଭିଯୋଗ ପାଇଁ ଗଣେଶଙ୍କୁ ଥାନାରେ ରିସେପଶନ୍ କୋଠରୀରେ ଅଟକ ରଖି ପଚରାଉଚରା କରୁଥିଲା। ସନ୍ଧ୍ୟା ସମୟରେ ଗଣେଶଙ୍କ ହାଜତ ମୃତ୍ୟୁ ହୋଇଥିଲା।

# ୪.୪୨ କୋଟି ଟଙ୍କାର ନୂଆ ବସ୍ଷ୍ଟାଣ୍ଡ ଅଲୋଡ଼ା

- ଖୋଲିଲାନି ମାର୍କେଟ କମ୍ପ୍ଲେକ୍ସ
- ବସ୍ଷ୍ଟପ୍‌ରେ ମାଳ ମାଳ ବସ୍

ନୟାଗଡ଼ ଅଫିସ,୬।୪

ପୁଣି ଅଲୋଡ଼ା ହୋଇଛି ନୂଆ ବସ୍ଷ୍ଟାଣ୍ଡ । ନୟାଗଡ଼ ନୂଆ ବସ୍ଷ୍ଟାଣ୍ଡକୁ ବସ୍ ଯିବା ବନ୍ଦ ହେବା ପରେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି । ପୁଣି ବସ୍ଷ୍ଟାଣ୍ଡରେ ଥିବା ମାର୍କେଟ କମ୍ପ୍ଲେକ୍ସ ବନ୍ଦ ହୋଇ ପଡ଼ିଛି। ପୂର୍ବପରି ନୟାଗଡ଼ ସହରର ଟ୍ରାଫିକ ପୋଷ୍ଟ ନିକଟସ୍ଥ ବସ୍ଷ୍ଟପ୍‌ରେ ବସ୍ ଅଟକୁଛି । ସେଠାରେ ହିଁ ଯାତ୍ରୀମାନଙ୍କ ଭିଡ଼ ଜମୁଛି। ଏଥିପାଇଁ ଟ୍ରାଫିକ ସମସ୍ୟା ବଢ଼ୁଛି।

ନୂଆ ବସ୍ଷ୍ଟାଣ୍ଡ ଏକାଧିକ ଥର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନର କିଛିଦିନ ବସ୍ ଚଳାଚଳ ସ୍ୱାଭାବିକ ଭାବେ ଚାଲୁଛୁ । ହେଲେ ଧିରେ ଧିରେ ସେଠାକୁ ବସ୍ ଚଳାଚଳ ବନ୍ଦ ହେଉଛି । ପ୍ରାୟ ୨୨ ବର୍ଷ ହେଲା ନୂଆ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ନ ହୋଇ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିଲା । ୨୦୨୧ ଡିସେମ୍ବର ୨୨ରେ ୪,୪୨ କୋଟି ଟଙ୍କା ବ୍ୟୟରେ ନୂଆ ବସଷ୍ଟାଣ୍ଡ ପୁନଃ କାର୍ଯ୍ୟକ୍ଷମ ହୋଇଥିଲା। ଏହା ପରେ ପୁରୁଣା ବସ୍ଷ୍ଟାଣ୍ଡରୁ ବସ୍ ନୂଆ ବସ୍ଷ୍ଟାଣ୍ଡକୁ ଆସିଥିଲା। କିଛିଦିନ ସବୁ ଠିକ୍‌ଠାକ୍ ଚାଲିଲା । ହେଲେ ଭୁବନେଶ୍ୱର-ଭଞ୍ଜନଗର ଓ ଭଞ୍ଜନଗର-ଭୁବନେଶ୍ୱର ବସ୍‌ଗୁଡିକ ଆଦୌ ନୂଆ ବସ୍ଷ୍ଟାଣ୍ଡକୁ ଯାଇ ନ ଥିଲେ। ସରକାରୀ ନିର୍ଦ୍ଦେଶକୁ ଅଣଦେଖା କରିଥିବା ସେହି ବସ୍ ମାଲିକଙ୍କ ବିରୋଧରେ କୌଣସି ପଦକ୍ଷେପ ନିଆଗଲାନାହିଁ । ପରେ ଅନ୍ୟ ବସ୍‌ଗୁଡ଼ିକ ଆଦୌ ନୂଆ ବସ୍ଷ୍ଟାଣ୍ଡ ଗଲେ ନାହିଁ । ଯେଉଁ ହାତଗଣତି ବସ୍ ନୂଆ ବସ୍ଷ୍ଟାଣ୍ଡକୁ ଯାଉଥିଲେ ସେମାନେ ଦକ୍ଷିଣକାଳୀ ମନ୍ଦିର ନିକଟରୁ ବୁଲାଇ ପୁରୁଣା ବସ୍ଷ୍ଟାଣ୍ଡ ନିକଟସ୍ଥ ବିଭିନ୍ନ ରାସ୍ତାରେ ଅଟକି ରହୁଛନ୍ତି। ଏଣୁ ଧିରେ ଧିରେ ନୂଆ ବସ୍ଷ୍ଟାଣ୍ଡ ଅଲୋଡ଼ା ହେଉଥିବା ଅଭିଯୋଗ ହୋଇଛି।




**ଫାଣ୍ଡି ପ୍ରତିଷ୍ଠାକୁ ଅଣଦେଖା:** ନୂଆ ବସ୍ଷ୍ଟାଣ୍ଡରେ ଏକ ପୋଲିସ ଫାଣ୍ଡିର ଆବଶ୍ୟକତା ରହିଛି । ଏହାର ସମ୍ମୁଖ ଭାଗରେ ନୟାଗଡ଼ ସଦର ଥାନା ରହିଛି । କିନ୍ତୁ ନୂଆ ବସ୍ଷ୍ଟାଣ୍ଡ ନୟାଗଡ଼ ଟାଉନ ଥାନା ଅଧୀନରେ ଯାଉଥିବାବେଳେ ଏହା ବସ୍ଷ୍ଟାଣ୍ଡଠାରୁ ୨ କିମି ଦୂରରେ ରହିଛି । ବସ୍ଷ୍ଟାଣ୍ଡ କାରଣରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଫାଣ୍ଡି ପ୍ରତିଷ୍ଠା ନ ହେଲେ ଅସୁବିଧା ସୃଷ୍ଟି ହୋଇପାରେ । ପୋଲିସ ସମ୍ମୁଖରେ ଘଟଣା ଘଟୁଥିଲେ ମଧ୍ୟ ସଦର ଥାନା ପୋଲିସ ନୀରବ ରହୁଥିବା ଦେଖିବାକୁ ମିଳୁଛି । ଏଣୁ ଫାଣ୍ଡି ପ୍ରତିଷ୍ଠା ପାଇଁ ସାଧାରଣରେ ମତ ପ୍ରକାଶ ପାଇଥିଲେ ହେଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇ ନାହିଁ । ଅନ୍ୟପକ୍ଷେ ପୁରୁଣା ବସ୍ଷ୍ଟାଣ୍ଡରେ ଏକ ପୋଲିସ ଫାଣ୍ଡି ଅଛି । ଦରକାର ପଡିଲେ ଏହା ସ୍ଥାନାନ୍ତରିତ ହୋଇପାରେ ବୋଲି କୁହାଯାଉଥିଲା । କିନ୍ତୁ ପୁରୁଣା ବସ୍ଷ୍ଟାଣ୍ଡ ବସ୍ଷ୍ଟପର ମାନ୍ୟତା ପାଇବା ପରେ ଏଠାରେ ମଧ୍ୟ ଫାଣ୍ଡିର ଆବଶ୍ୟକତା ରହିଛି । ଏଣୁ ଏଠାରୁ ସ୍ଥାନାନ୍ତରିତ ନ କରିବାକୁ ଦାବି ହେଉଛି ।

**ଟ୍ରାଫିକ ପୋଷ୍ଟର ନବକଳେବର ସ୍ୱପ୍ନ:** ୨୦୨୦ ଡିସେମ୍ବର ୩୦ ଓ ୨୦୨୧ ଅଗଷ୍ଟ ୧୩ରେ ଜିଲା ସଡ଼କ ସୁରକ୍ଷା କମିଟି ବୈଠକ ଜିଲାପାଳ ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ବସି ନୂଆ ବସ୍ଷ୍ଟାଣ୍ଡ କାର୍ଯ୍ୟକ୍ଷମ ନେଇ ନିର୍ଦ୍ଦେଶ ଦେଇଥିଲେ। ବସ୍ଷ୍ଟାଣ୍ଡ କାର୍ଯ୍ୟକ୍ଷମ ପରେ ନୟାଗଡ଼ ସହରର ଟ୍ରାଫିକ ଛକରେ ଟ୍ରାଫିକ ଲାଇଟ୍ ପୋଷ୍ଟ ଲାଗିବ । ପୁରୁଣା ଟ୍ରାଫିକ ପୋଷ୍ଟ ହଟି ନୂଆ ଟ୍ରାଫିକ ପୋଷ୍ଟ ହେବ । ତେବେ ନୂଆ ବସ୍ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇ ପାରୁ ନ ଥିବାରୁ ପୁରୁଣା ବସ୍ଷ୍ଟଣ୍ଡରେ ଟ୍ରାଫିକ ପୋଷ୍ଟ ହଟି ପାରୁ ନ ଥିଲା । ନୂଆ ଟ୍ରାଫିକ ଲାଇଟ ପୋଷ୍ଟ ଲାଗି ପାରୁ ନ ଥିଲା । ନୂଆ ବସ୍ଷ୍ଟାଣ୍ଡ କାର୍ଯ୍ୟକ୍ଷମ ପରେ ଟ୍ରାଫିକ ପୋଷ୍ଟର ନବକଳେବର ପାଇଁ ବାଟ ଫିଟିଯାଇଛି । ହେଲେ ନୂଆ ବସ୍ଷ୍ଟାଣ୍ଡ କାର୍ଯ୍ୟକ୍ଷମ ପରେ ବି ଟ୍ରାଫିକ ପୋଷ୍ଟ ନବକଳେବର କରା ନ ଯିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି ।

ଏନେଇ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ଶ୍ୱେତା ମିଶ୍ର କୁହନ୍ତି, ନୂଆ ବସ୍ଷ୍ଟାଣ୍ଡ ଭିତରେ ଥିବା ମାର୍କେଟ କମ୍ପ୍ଲେକ୍ସକୁ କାର୍ଯ୍ୟକ୍ଷମ କରିବାକୁ ପ୍ରୟାସ ଜାରି ରହିଛି। ବିଦ୍ୟୁତ୍ ସମସ୍ୟା ସମାଧାନ ହେଲେ ଖୁବ୍‌ଶୀଘ୍ର ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟକ୍ଷମ ହେବ। ଏନେଇ ବିଦ୍ୟୁତ୍ ବିଭାଗ, ପୂର୍ତ୍ତ ଓ ମ୍ୟୁନିସିପାଲିଟି ମଧ୍ୟରେ ବୈଠକ ହୋଇ ଆଲୋଚନା ହୋଇ ସାରିଛି। ଅନ୍ୟପକ୍ଷେ ସହରରେ ବସ୍ଷ୍ଟପରେ ବସ୍ ଅଟକି ରହିବାରୁ ଟ୍ରାଫିକ ସମସ୍ୟା ଦେଖା ଦେଇଛି। ନୂଆବସଷ୍ଟାଣ୍ଡକୁ ବସ୍ ଗଲେ ଏହି ସମସ୍ୟା ହଟିଯିବ । ନିର୍ବାଚନ ଯୋଗୁ ବସ୍ ଚଳାଚଳ ଓ ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟକ୍ଷମ ନେଇ ପଦକ୍ଷେପ ନିଆ ଯାଇ ପାରୁ ନ ଥିଲା । ଏବେ ନୂଆ ବସ୍ଷ୍ଟାଣ୍ଡକୁ କିପରି ବସ୍ ଯିବ ସେନେଇ ବ୍ୟବସ୍ଥା କରାଯାଉଛି ବୋଲି ସେ କହିଛନ୍ତି ।

## କାରରୁ ୫୩ କେଜି ଗଞ୍ଜେଇ ଜବତ

### ଦମ୍ପତି ଜେଲ ଗଲେ




ଜବତ କାର ଓ ଗଞ୍ଜେଇ । ଗିରଫ ଦମ୍ପତି ।

ନୟାଗଡ଼ ଅଫିସ,୬।୪

ନୟାଗଡ଼ ଟାଉନ ଥାନା ପୋଲିସ ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ଖମାରସାହିଠାରୁ ଏକ କାରରୁ ୫୩ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ଶରଣକୁଳ ଥାନା ସାନଗୋରଡ଼ା ଗାଁର ଦମ୍ପତିଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରଶ୍ମିତା କର(୩୦) ଓ ଜୟନ୍ତ କର(୩୨) । ଜାମିନ ନାମଞ୍ଜୁର ପରେ ଏହି ଦମ୍ପତିଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ମଙ୍ଗଳବାର ବାଲିଗୁଡ଼ାରୁ ଗଞ୍ଜେଇ ଧରି ସେମାନେ ଏକ କାରରେ ନୟାଗଡ଼ ଆସୁଥିଲେ ।

## ବୁଗୁଡ଼ା କଲୋନୀବାସୀଙ୍କ ଧାରଣା ଜାରି

- ଦ୍ୱିତୀୟ ଦିନରେ ବି ତତ୍ପରତା ନାହିଁ
- ରେଳ ପ୍ରକଳ୍ପ ପାଇଁ ଜମି ଗଲା, କ୍ଷତିପୂରଣ ମିଳୁନି

ଦଶପଲ୍ଲା,୬।୪(ଡି.ଏନ୍.ଏ.)

ମଙ୍ଗଳବାରଠାରୁ ବୁଗୁଡ଼ା କଲୋନୀ ଗ୍ରାମବାସୀ ଆରମ୍ଭ କରିଥିବା ଧାରଣା ବୁଧବାର ଦ୍ୱିତୀୟ ଦିନରେ ପହଞ୍ଚିଛି । ଉକ୍ତ କଲୋନୀର ପ୍ରାୟ ୫୦ ଆଦିବାସୀ ପରିବାର ଖୋର୍ଦ୍ଧା-ବଲାଙ୍ଗୀର ରେଳପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିଲେ । ହେଲେ ସେମାନଙ୍କୁ ଆଜି ପର୍ଯ୍ୟନ୍ତ କ୍ଷତିପୂରଣ ମିଳିନାହିଁ । ଏହାର ପ୍ରତିବାଦରେ ପ୍ରକଳ୍ପ ସ୍ଥଳରେ ସେହି ଗ୍ରାମବାସୀ ଧାରଣା ଦେଇଛନ୍ତି ।

ସୂଚନା ଅନୁଯାୟୀ, ବୁଗୁଡ଼ା କଲୋନୀ ଗ୍ରାମର ୫୦ ଆଦିବାସୀ ନିଜର ଚାଷ ଜମି ଉପରୋକ୍ତ ରେଳପଥ ନିର୍ମାଣ ପାଇଁ ପ୍ରଦାନ କରିଥିଲେ । ସେହି ଜମି ବାବଦ ସହାୟତା ରାଶି ଚାଷୀମାନଙ୍କୁ ମିଳିବ ନା ନାହିଁ ତାହା ସେମାନଙ୍କୁ ସୂଚନା ଦିଆଯାଉନାହିଁ । ଭୂଅର୍ଜନ ଅଧିକାରୀଙ୍କୁ ଗ୍ରାମବାସୀ ସାକ୍ଷାତ କରି ଏ ସଂକ୍ରାନ୍ତରେ ପଦକ୍ଷେପ ନେବାକୁ ଅନୁରୋଧ କରିବାକୁ ଯାଇଥିଲେ । ହେଲେ ତାଙ୍କର ଦେଖା ମିଳୁ ନ ଥିବାରୁ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଗ୍ରାମକୁ ଲାଗି ରହିଥିବା ଚାଷ ଜମିରେ ଧାନ, ବାଇଗଣ, କଲରା, ପୋଟଳ ଚାଷ କରି ବୁଗୁଡ଼ା କଲୋନୀ ବାସିନ୍ଦା ନିଜର ତେଲଲୁଣ ସଂସାର ଚଳାଇଥିଲେ । ହେଲେ ରେଳପଥ ନିର୍ମାଣ ପାଇଁ ଗ୍ରାମର ୭୦ ପ୍ରତିଶତ ଚାଷ ଜମି ପ୍ରକଳ୍ପ ଅଧୀନକୁ ଚାଲିଯାଇଥିଲା । ହେଲେ ଏ ସଂକ୍ରାନ୍ତରେ ଗ୍ରାମବାସୀଙ୍କୁ ଜମି ଅଧିଗ୍ରହଣ ଅଧିକାରୀ କିମ୍ବା ତହସିଲ ପକ୍ଷରୁ କୌଣସି ନୋଟିସ ଜାରି କରାଯାଇନାହିଁ । ସହାୟତା ଅର୍ଥ ସେମାନଙ୍କୁ ମିଳିବ ନା ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାରମ୍ବାର ଆଦିବାସୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ନୟାଗଡ଼ରେ ଥିବା ରେଳପଥ ଜମି ଅଧିଗ୍ରହଣ କାର୍ଯ୍ୟାଳୟକୁ ଆଦିବାସୀମାନେ ଏକାଧିକ ଥର ଯାଇଥିଲେ ମଧ୍ୟ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଦେଖା ମିଳୁନାହିଁ । ଏହାର ପ୍ରତିବାଦ ଓ କ୍ଷତିପୂରଣ ପ୍ରଦାନ ଦାବିରେ ବୁଗୁଡ଼ା କଲୋନୀବାସୀ ଧାରଣାରେ ବସିଛନ୍ତି ।



ଧାରଣାରେ ବସିଥିବା ଗ୍ରାମବାସୀ ।

## ଲଙ୍କା ପୋଡ଼ି ଯାତ୍ରା ବିଶ୍ୱ ଦରବାରରେ ପହଞ୍ଚାଇବାକୁ ଆହ୍ୱାନ

ଦଶପଲ୍ଲା,୬।୪(ଡି.ଏନ.ଏ.)

୧୮୦୨ରୁ ଦଶପଲ୍ଲାର ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇ ଆସୁଥିବା ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ରାମଚନ୍ଦ୍ରଙ୍କ ନୀଳାଭିନୟ ବା ଲଙ୍କା ପୋଡ଼ି ଯାତ୍ରା ଭାରତ ପ୍ରସିଦ୍ଧ। ହେଲେ ଉପଯୁକ୍ତ ପ୍ରଚାରପ୍ରସାର ଅଭାବରୁ ଏହା ବିଶ୍ୱ ଦରବାରରେ ଅଦ୍ୟାବଧି ପହଞ୍ଚି ପାରିନାହିଁ। ଏହାର ଆବଶ୍ୟକ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ଅବସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଲଙ୍କା ପୋଡ଼ି ଯାତ୍ରା କମିଟିର ସଭାପତି ତଥା ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା କହିଛନ୍ତି, ବିଶ୍ୱଦରବାରରେ ଏହି ଯାତ୍ରାକୁ ପହଞ୍ଚାଇବା ପାଇଁ ସମସ୍ତଙ୍କ ସହଯୋଗ ଦରକାର । ବିଶେଷ କରି ପ୍ରଚାର ଓ ପ୍ରସାର ଅଭାବରୁ ଏହି ପାରମ୍ପରିକ ଯାତ୍ରା କେବଳ ଦେଶ ଭିତରେ ସୀମିତ ରହିଛି । ଏହି ଖବରଦାତା ସମ୍ମିଳନୀରେ ଦଶପଲ୍ଲା ବ୍ଲକ୍ ଅଧ୍ୟକ୍ଷା ସୁନନ୍ଦା ସାହୁ, ଏନଏସି ଅଧ୍ୟକ୍ଷା ପୁନମ୍ ପ୍ରୀୟଦର୍ଶିନୀ ଓ ଲଙ୍କା ପୋଡ଼ି ଯାତ୍ରା କମିଟିର ସମ୍ପାଦକ ପରେଶ କୁମାର ସିଂ, କୋଷାଧ୍ୟକ୍ଷ ଭବାନୀ ପ୍ରସାଦ ମିଶ୍ର, ବରିଷ୍ଠ ପରିଚାଳକ ସୂର୍ଯ୍ୟମଣୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ଯାତ୍ରା କମିଟି ବିଭିନ୍ନ ପଦକ୍ଷେପ ନେଇଛି ବୋଲି କମିଟିର କର୍ମକର୍ତ୍ତାମାନେ ସୂଚନା ଦେଇଥିଲେ ।



ଖବରଦାତା ସମ୍ମିଳନୀରେ ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ଅନ୍ୟମାନେ।

## ଖଣ୍ଡପଡ଼ା ବ୍ଲକସ୍ତରୀୟ ବିଜ୍ଞାନମେଳା

ଖଣ୍ଡପଡ଼ା,୬।୪(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳୀପୁର ଉଚ୍ଚ ବିଦ୍ୟାଳୟରେ ୨୭ତମ ବ୍ଲକସ୍ତରୀୟ ବିଜ୍ଞାନ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି । ବିଜ୍ଞାନ ମେଳାରେ ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ୧୦୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଖଣ୍ଡପଡ଼ା ବିଡିଓ ଅରୁଣିମା ସାହୁ ମୁଖ୍ୟଅତିଥି ରୁପେ ଯୋଗଦେଇ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ପ୍ରତାପ କିଶୋର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଏବିଇଓ ରବିନ୍ଦ୍ରନାଥ ରାଉତରାୟ । କଳିଙ୍ଗ ଚନ୍ଦ୍ର ନାୟକ, ଏବିଡିଓ ନାରାୟଣ ଦାସ ପ୍ରମୁଖ ଯୋଗଦେଇଥିଲେ । ବନମାଳୀପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ କୁମାର ସାହୁ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ବରିଷ୍ଠ ବିଜ୍ଞାନ ଶିକ୍ଷକ ବସନ୍ତ କୁମାର ସାହୁ ଓ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଯୋଗ୍ୟ ବିବେଚିତ ୧୦ ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ମେଳାରେ ପ୍ରଦର୍ଶିତ ହେବ ବୋଲି ମନୋନୀତ ହୋଇଥିଲା । ସେହିପରି ବିଜ୍ଞାନ ମେଳାରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୁପେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ସମ୍ମାନୀତ ଅତିଥି ରୁପେ ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷ ଉପମା ବେହେରା, ଉପାଧ୍ୟକ୍ଷ ଶିଶିର କୁମାର ସାହୁ ଯୋଗ ଦେଇଥିଲେ । ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ବିଜ୍ଞାନ ମେଳାରେ ଶ୍ରେଷ୍ଠ ପ୍ରକଳ୍ପ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ ।

## ପଞ୍ଚାୟତ ପରିବର୍ତ୍ତନ ପାଇଁ ସଂଗ୍ରାମ



ଜୁରାଗଣ୍ଡା ଗ୍ରାମବାସୀ ୩ ଦିନ ହେଲା ଧାରଣାରେ ବସିଛନ୍ତି ।

ନୟାଗଡ଼ ଅଫିସ/ଦଶପଲ୍ଲା, ୬।୪(ଡି.ଏନ୍.ଏ.)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ୯ ନଂ. ଜିଲା ପରିଷଦ ଜୋନ୍ ଦୁଡ଼ା ପଞ୍ଚାୟତ ଜୁରାଗଣ୍ଡ ଗାଁର ଆଦିବାସୀମାନେ ମୂଳ ପଞ୍ଚାୟତ ଚଢ଼େୟାପଲ୍ଲୀରେ ରହିବାକୁ ଚଢ଼େୟାପଲ୍ଲୀ ପଞ୍ଚାୟତ ସମ୍ମୁଖରେ ଗତ ୪ ତାରିଖରୁ ଧାରଣା ଦେଇଛନ୍ତି। ସେମାନଙ୍କ ଆନ୍ଦୋଳନ ବୁଧବାର ତୃତୀୟ ଦିବସରେ ପହଞ୍ଚି ଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷେ ଚଢ଼େୟାପଲ୍ଲୀ ପଞ୍ଚାୟତରେ ସାମିଲ ନ କରିବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅହୋରାତ୍ର ଗଣଧାରଣା ଚାଲୁ ରହିବ ବୋଲି ଆଦିବାସୀମାନେ ଚେତାବନୀ ଦେଇଛନ୍ତି ।

ସୂଚନା ଅନୁଯାୟୀ, ୪ ଆଦିବାସୀ ଗାଁର ୪୯୮ ଭୋଟର ପଞ୍ଚାୟତ ପରିବର୍ତ୍ତନ ଦାବିରେ ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ଭୋଟ ବର୍ଜନ କରିଥିଲେ । ଜୁରାଗଣ୍ଡା, ବାଇଝରୀ, ରାଣିଝରୀ ଓ ମାଣ୍ଡିବିଡା ଗାଁର ଆଦିବାସୀମାନେ ପଞ୍ଚାୟତ ପରିବର୍ତ୍ତନ ଦାବିରେ ୫ ବର୍ଷ ହେଲା ଦାବି କରି ଆସୁଛନ୍ତି । ହେଲେ ସେମାନଙ୍କ ଦାବିକୁ ଅଣଦେଖା କରାଯାଉଛି ବୋଲି ଗ୍ରାମବାସୀ କହିଛନ୍ତି। ଜୁରାଗଣ୍ଡା, ବାଇଝରୀ, ରାଣିଝରୀ ଓ ମାଣ୍ଡିବିଡା ଗାଁରେ ୪୯୮ ଭୋଟର ଥିବାବେଳେ ଲୋକ ସଂଖ୍ୟା ୬୦୦ । ଗାଁରେ ରାସ୍ତା, ପାନୀୟ ଜଳ, ଶିକ୍ଷା ପରି ଅନେକ ସମସ୍ୟା ରହିଛି । ବାଇଝରୀ, ରାଣିଝରୀ ଓ ମାଣ୍ଡିବିଡା ଆଦି ୩ ଗାଁ ପୂର୍ବରୁ ବାଣିଗୋଛା ପଞ୍ଚାୟତରେ ଥିଲା। ୨୦୦୨ରେ ଏହି ଗାଁ କୁଲୁରୁକୁମ୍ପା ପଞ୍ଚାୟତକୁ ଆସିଥିଲା। କୁଲୁରୁକୁମ୍ପା ପଞ୍ଚାୟତ ହେଲାପରେ ସ୍ଥାନୀୟ ଆଦିବାସୀ ଖୁସି ଥିଲେ । ସେହିପରି ଜୁରାଗଣ୍ଡା ଗାଁ ଚଢ଼େୟାପଲ୍ଲୀ ପଞ୍ଚାୟତରେ ଥିଲା । ୨୦୧୭ରେ ପୁଣି ପଞ୍ଚାୟତ ପୁର୍ନଗଠନ କରି ୪ଟି ଗାଁକୁ ଦୁଡ଼ା ପଞ୍ଚାୟତକୁ ନିଆଗଲା। ଦୁଡ଼ା ପଞ୍ଚାୟତକୁ ଯିବାପରେ ୪ ଗାଁର ସମସ୍ୟା ବଢ଼ିଛି । ଏଠାର ବାସିନ୍ଦା ପଞ୍ଚାୟତ ପରିବର୍ତ୍ତନ ଦାବିରେ ଆନ୍ଦୋଳନ କରି ଆସୁଛନ୍ତି । ଏବେ ୩ ଦିନ ହେଲା କେବଳ ଜୁରାଗଣ୍ଡା ଗାଁ ଲୋକ ଧାରଣାରେ ବସିଛନ୍ତି ।

## ଚୁଆ, ରାସ୍ତା ନାଁରେ ୨୪ ଲକ୍ଷ ଟଙ୍କା ଆତ୍ମସାତ୍‌ର ତଦନ୍ତ ହେଲା

ନୟାଗଡ଼ ଅଫିସ/ଭାପୁର, ୬।୪(ଡି.ଏନ୍.ଏ.)

ନୟାଗଡ଼ ଜିଲା ଭାପୁର ବ୍ଲକ୍ ଭାପୁର ପଞ୍ଚାୟତ ଖଇରଗାଡ଼ିଆ ଗାଁରେ ଦୁଇଟି ଚୁଆ ଓ ଗୋଟିଏ ରାସ୍ତା କାମ କରା ନ ଯାଇ ୨୪ ଲକ୍ଷ ଟଙ୍କା ଫଲସ୍ ବିଲ୍ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାର ତଦନ୍ତ କରାଯାଇଛି। ନୟାଗଡ଼ ଡିଆରଡିଏର ନିର୍ବାହୀ ଯନ୍ତ୍ରୀ ନିରଞ୍ଜନ ରଣାଙ୍କ ନେତୃତ୍ୱରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କୋର୍ଡିନେଟର ମିତାଲି ଜେନା, ଏଷ୍ଟିମେଟର ଅଶୋକ ମିଶ୍ର, କମ୍ପ୍ୟୁଟର ପ୍ରୋଗ୍ରାମର ସୁନିଲ କୁମାର ନାୟକ, ଭାପୁର ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜିତା ପ୍ରିୟଦର୍ଶିନୀ, ଭାପୁର ବ୍ଲକ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରୋଗ୍ରାମ ଅଫିସର ଅରୁଣ ଚିନାରା,ପଞ୍ଚାୟତ ଗ୍ରାମ ରୋଜଗାର ସେବକ ଜିତେନ୍ଦ୍ର ଚୌଧୁରୀ ପ୍ରମୁଖ ବୁଧବାର ଖଇରଗାଡିଆ ଗାଁକୁ ଆସି ତଦନ୍ତ କରିଥିଲେ ।

ଅଭିଯୋଗ ଅନୁଯାୟୀ, ୨୦୨୦-୨୧ ଆର୍ଥିକ ବର୍ଷରେ ପାଣିଚୁଆର କାର୍ଯ୍ୟାଦେଶ ୮ ଲକ୍ଷ ଟଙ୍କାରେ ଦିଆଯାଇଥିଲା । ସେହିପରି ନିମ ଚୁଆ ପୋଖରୀର କାର୍ଯ୍ୟାଦେଶ ୮ ଲକ୍ଷ ଓ ଖଇରଗାଡିଆଠାରୁ ମନ୍ଦାର ବେରଣୀ ରାସ୍ତା ଅଧ କିମି ପାଇଁ ଅନୁରୂପ ଭାବେ ୮ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ହୋଇଥିଲା । ଏହାର କାମ ନ ହୋଇ ୩ଟି ଯାକ ପ୍ରକଳ୍ପ ପାଇଁ ୨୪ ଲକ୍ଷ ଟଙ୍କା ଫଲସ୍ ବିଲ୍ ହୋଇଛି । ଗାଁ ଲୋକେ ଫଲସ୍ ବିଲ୍ ସମ୍ପର୍କରେ ଜାଣିବା ପରେ ପ୍ରତିବାଦ କରିଥିଲେ। ଏନେଇ ୨୦୨୧ ଡିସେମ୍ବର ୧୩ରେ ଭାପୁର ବିଡିଓଙ୍କୁ ଫେରାଦ୍ ହୋଇଥିଲେ। ଅଭିଯୋଗର ୧୦ଦିନ ପରେ ବିଡ଼ିଓ ଜନ୍ମେଜୟ ସାହୁଙ୍କ ନେତୃତ୍ୱରେ ତଦନ୍ତ ହୋଇଥିଲା । ହେଲେ ଘଟଣାକୁ ଚାପି ଦିଆଯାଇଥିଲା।

# ରୋଷେୟା ନିଯୁକ୍ତିରେ ଅନିୟମିତତା ଅଭିଯୋଗ

### ବିଇଓଙ୍କ ଅଫିସ ସମ୍ମୁଖରେ ମହିଳାଙ୍କ ଧାରଣା

ନୂଆଗାଁ,୬।୪(ଡି.ଏନ.ଏ.)

ସ୍କୁଲରେ ମଧ୍ୟାହ୍ନ ଭୋଜନ ରୋଷେୟା ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ବ୍ଲକ ଶିକ୍ଷାଧିକାରୀ (ବିଇଓ)ଙ୍କ ଅଫିସ ସମ୍ମୁଖରେ ରୀନା ସାହୁ ନାମକ ଜଣେ ମହିଳା ନିଜର ଭିନ୍ନକ୍ଷମ ପୁଅକୁ ଧରି ଧାରଣା ଦେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ନୟାଗଡ଼ ଜିଲା ନୂଆଗାଁ ବ୍ଲକ କୋରଡ଼ା ଭରତ ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏପରି ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି ।

ରୀନା ସାହୁ ନୂଆଗାଁ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ କରିଥିବା ଅଭିଯୋଗ ଅନୁଯାୟୀ, କୋରଡ଼ା ପଞ୍ଚାୟତର ଭରତ ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨ ରୋଷେୟା ପଦବୀ ପୂରଣ ପାଇଁ ନୋଟିସ ଜାରି କରାଯାଇଥିଲା । ସେହି ଅନୁସାରେ ଗତ ୩୧ରେ ସ୍କୁଲ ପରିଚାଳନା କମିଟି ଜରିଆରେ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ୨ ପଦବୀ ପାଇଁ ୩ ଜଣ ଆଶାୟୀ ଥିଲେ । ହେଲେ ସରସ୍ୱତୀ ଚମ୍ପତିଙ୍କୁ ପ୍ରଥମ ରୋଷେୟା ଭାବେ ଚୟନ କରାଯାଇଥିଲା । ଦ୍ୱିତୀୟ ପଦବୀ ଚୟନରେ ଦୁଇ ଆଶାୟୀ ରୀନା ସାହୁ ଓ ସୁଷମା ସାହୁଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜିଥିଲା । ତେଣୁ ଆଶାୟୀ ସୁଷମାଙ୍କ କଥାରେ ସିଆରସିସି ପରୀକ୍ଷା ମାଧ୍ୟମରେ ଚୟନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ପରୀକ୍ଷାରେ ସୁଷମା ୧୦ ନମ୍ବର ରଖିଥିବା ବେଳେ ରୀନା ୪ ନମ୍ବର ରଖିଥିଲେ । ତେଣୁ ସୁଷମାଙ୍କୁ ଦ୍ୱିତୀୟ ରୋଷେୟା ଭାବେ ଚୟନ କରାଯାଇଥିଲା । କିନ୍ତୁ ରୀନା ଅଭିଯୋଗ କରିଛନ୍ତି, ପରୀକ୍ଷା କରାଇବା ପୂର୍ବରୁ ଏଥିପାଇଁ ପ୍ରସ୍ତୁତି କରାଯାଇଥିଲା । ପରୀକ୍ଷା ପୂର୍ବରୁ ସୁଷମାଙ୍କୁ ସବୁ ଉତ୍ତର କୁହାଯାଇଥିଲା । ସେଥିପାଇଁ ରୀନା କମ୍ ନମ୍ବର ରଖିଥିଲେ । ମୋ ମୁଣ୍ଡ ଉପରେ ୧୪ ବର୍ଷର ଝିଅ ଓ ଏକ ୯୦ ପ୍ରତିଶତ ଶାରିରୀକ ଭିନ୍ନକ୍ଷମ ପୁଅର ବୋଝ ରହିଛି । ସେଥିପାଇଁ ତାଙ୍କୁ ରୋଷେୟା ଭାବେ ନିଯୁକ୍ତି ମିଳୁ ବୋଲି ରୀନା ଦାବି କରିଥିଲେ । ଏଥିସହିତ ରୋଷେୟା ଚୟନରେ ହୋଇଥିବା ଅନିୟମିତତାକୁ ବ୍ଲକ ଶିକ୍ଷାଧିକାରୀଙ୍କ ନଜରକୁ ଆଣିବା ସହ ତଦନ୍ତ କରି ଉପଯୁକ୍ତ ବ୍ୟକ୍ତିକୁ ରୋଷେୟା ପଦବୀ ନ ଦେବା ଯାଏ ସେ ଶିକ୍ଷାଧିକାରୀଙ୍କ ଅଫିସ ଆଗରେ ଭିନ୍ନକ୍ଷମ ପୁଅକୁ ଧରି ଧାରଣା ଦେବେ ବୋଲି ଅଡ଼ି ବସିଥିଲେ । ଏପରି କି ନ୍ୟାୟ ନ ପାଇଲେ ସେ ଆତ୍ମହତ୍ୟା କରିବେ ବୋଲି ନିଜ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଥିଲେ। ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ଅତିରିକ୍ତ ଶିକ୍ଷାଧିକାରୀ ଏହାର ତଦନ୍ତ କରିବା ପରେ ନିଷ୍ପତ୍ତି ନିଆଯିବ ବୋଲି ବ୍ଲକ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ପଣ୍ଡା କହିବା ପରେ ରୀନା ଧାରଣାରୁ ଉଠିଥିଲେ ।



ବିଇଓଙ୍କ ଅଫିସ ସମ୍ମୁଖରେ ଧାରଣା ଦେଇଥିବା ରୀନା ଓ ତାଙ୍କ ଭିନ୍ନକ୍ଷମ ପୁଅ ।

## ସଂକ୍ଷେପରେ

### ଚାକିରି ନାଁରେ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗ

ଗଞ୍ଜାମ, ୬।୪(ଡି.ଏନ.ଏ.) ଚାକିରି କରାଇଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ ହୋଇଥିବା ଗଞ୍ଜାମ ଥାନାରେ ଅଭିଯୋଗ ହୋଇଛି। ଛତ୍ରପୁର ସହର ବଜରଙ୍ଗୀ ସାହିର ମଧୁସ୍ମିତା ଦେବତା ସରକାରୀ ଚାକିରି କରାଇଦେବା କହି ୧୨ ଲକ୍ଷ ୬୦ ହଜାର ଟଙ୍କା ଠକି ନେଇଥିବା ଗଞ୍ଜାମ ସହର ସାମନ୍ତରା ସାହିର ସଂଯୁକ୍ତା ମହାରଣା ଗଞ୍ଜାମ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଗଞ୍ଜାମ ଥାନା ପକ୍ଷରୁ ନଂ. ୪୮/୨୨ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

### ଯୌତୁକଜନିତ ନିର୍ଯାତନା ଅଭିଯୋଗ

ଗଞ୍ଜାମ, ୬।୪(ଡି.ଏନ.ଏ.):ଗଞ୍ଜାମ ଥାନା ଅନ୍ତର୍ଗତ ନୋଲିଆନୂଆଗାଁରେ ଜଣେ ମହିଳାଙ୍କୁ ଯୌତୁକ ନିର୍ଯାତନା ଦିଆଯାଇଥିବା ବୁଧବାର ଅଭିଯୋଗ ହୋଇଛି। ଉକ୍ତ ଗ୍ରାମର ପୁଷ୍ପାଞ୍ଜଳି ରାଓ ସ୍ୱାମୀ ଦିଲେଶ ରାଉଳଙ୍କ ବିରୋଧରେ ଯୌତୁକଜନିତ ନିର୍ଯାତନା ଅଭିଯୋଗ ଆଣିଥିବା ପୋଲିସ ସୂଚନା ଦେଇଛି। ଏ ନେଇ ଗଞ୍ଜାମ ଥାନା ପକ୍ଷରୁ ନଂ. ୪୭/୨୨ରେ ମାମଲା ରୁଜୁ କରାଯାଇ ସ୍ୱାମୀ ଓ ସ୍ତ୍ରୀଙ୍କୁ ଥାନାକୁ ଡକାଯାଇ ପଚରାଉଚରା କରାଯାଉଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

### ଆତ୍ମସୁରକ୍ଷା ତାଲିମ ଶିବିର

ଗଞ୍ଜାମ,୬।୪(ଡି.ଏନ.ଏ.):ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଗଞ୍ଜାମ କନିଷ୍ଠ ମହାବିଦ୍ୟାଳୟଠାରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ପ୍ରବୀଣ କୁମାର ନନ୍ଦ ଉଦ୍‌ଘାଟନ କରିଥିଲେ। ଆତ୍ମ ସୁରକ୍ଷା ସଂଯୋଜିକା ମମତା ପାଢ଼ୀ ଓ ଡ. ଅସ୍ମିତା ପଟ୍ଟନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାଧ୍ୟାପକ ଡ.ପୁରୁଷୋତ୍ତମ ସାହୁ ଆତ୍ମସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଶିବିରରେ ୧୦୦ ଜଣ ଯୁକ୍ତ ଦୁଇ ଛାତ୍ରୀ ତାଲିମ ନେବାର କାର୍ଯ୍ୟକ୍ରମ ରହିଛି। ରିତା ଦାସ ପ୍ରଶିକ୍ଷିକା ଭାବେ ତାଲିମ ପ୍ରଦାନ କରୁଛନ୍ତି। ସେହିପରି ଗଞ୍ଜାମ ବ୍ଲକ ହୁମ୍ମା ସଲଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ଡ.ନିରଞ୍ଜନ ରଥ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ସମ୍ମାନିତ ଅତିଥି ରୂପେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରଥ ପାହାନ, ମୁଖ୍ୟବକ୍ତା ହୁମ୍ମା ସଲଟ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଘୁନାଥ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଶିକ୍ଷିକା ରିତା ଦାସ ଶିବିରରେ ଯୋଗଦେଇ ଆତ୍ମ ସୁରକ୍ଷା ତାଲିମ ପ୍ରଦାନ କରିଥିଲେ।

### ହିଲ୍‌ଟପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସ୍ୱତନ୍ତ୍ର ସେବା ଶିବିର

ଆର.ଉଦୟଗିରି,୬।୪(ଡି.ଏନ.ଏ.)-ମୋହନା ବ୍ଲକ ହିଲ୍‌ଟପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ୧୬୪ ଛାତ୍ରୀଙ୍କୁ ନେଇ ଆତ୍ମସୁରକ୍ଷା ତାଲିମ ଶିବିର ଅଧ୍ୟକ୍ଷ ସୀମାଞ୍ଚଳ ସାହୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ମୀନକେତନ ମିଶ୍ର ସୁପରିଚାଳନା କରିଥିଲେ। ବରିଷ୍ଠ ଅଧ୍ୟାପକ ଭଗବାନ ବିଷୋୟୀ, ଇଂଲିଶ ଅଧ୍ୟାପକ ଏସ୍ ରମେଶ, ଡ ଅନ୍ତର୍ଯାମୀ ଗୌଡ଼ ଉପସ୍ଥିତ ରହିଥିବା ବେଳେ ମହିଳା ଆତ୍ମ ସୁରକ୍ଷା ପ୍ରଶିକ୍ଷିକା ତପସ୍ୱିନୀ ଦଳାଇ ଏବଂ ଅମିତା କୁମାରୀ ଆତ୍ମସୁରକ୍ଷାର ବିଭିନ୍ନ ତାଲିମ ପ୍ରଶିକ୍ଷଣ ଛାତ୍ରୀମାନଙ୍କୁ ପ୍ରଦାନ କରିଥିଲେ।

### ହତ୍ୟା ଉଦ୍ୟମ ମାମଲା ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ବ୍ରହ୍ମପୁର ଅଫିସ,୬।୪:ଏକ ହତ୍ୟା ଉଦ୍ୟମ ମାମଲାରେ ସଦର ଥାନା ପୋଲିସ ଫେରାର ଥିବା ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ସଦର ଥାନା ଅନ୍ତର୍ଗତ ଗୌତମ ନଗର ୬ଷ୍ଠ ସାରଣୀର ଜିତେନ୍ଦ୍ର ସାବତ ଓରଫ ଜିତୁ (୩୦)। ମାମଲା ନମ୍ବର ୧୩୬/୨୨ ରେ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି। ପ୍ରକାଶ ଯେ, ଗତ ୩ ତାରିଖ ରାତି ୧୨ଟା ବେଳେ ସଦର ଥାନା ଅନ୍ତର୍ଗତ ଗୋବିନ୍ଦ ବିହାର ଛକରେ ସୀମାଞ୍ଚଳ ପାଢୀ ନାମକ ଅଟୋ ଚାଳକଙ୍କୁ ହତ୍ୟା ଉଦ୍ୟମ ହୋଇଥିଲା। ସୀମାଞ୍ଚଳ ଗୋବିନ୍ଦବିହାର ଅଞ୍ଚଳରେ ହେଉଥିବା ଏକ ଦଣ୍ଡନାଚ ପ୍ରସାଦ ଖାଇ ନିଜ ଅଟୋରେ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ଜିତେନ୍ଦ୍ର ତାଙ୍କୁ ଅଟକାଇଥିଲେ। ପୂର୍ବ ଶତ୍ରୁତାକୁ ନେଇ ସୀମାଞ୍ଚଳ ଓ ଜିତେନ୍ଦ୍ରଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହାକୁ କେନ୍ଦ୍ରକରି ଅଭିଯୁକ୍ତ ଜିତେନ୍ଦ୍ର ଏକ ଧାରୁଆ ଅସ୍ତ୍ରରେ ସୀମାଞ୍ଚଳଙ୍କ ବେକ କାଟି ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଆହତ ସୀମାଞ୍ଚଳଙ୍କୁ ପୋଲିସ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲା।

# ଚିପ୍ ଫେରାଇବାକୁ ୧୦ ହଜାର ମାଗିଥିଲେ ମାନସ

ଭୁବନେଶ୍ୱର,(ବ୍ୟୁରୋ)/କଟକ ଅଫିସ, ୬।୪

ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡରେ ଆସିଥିବା ମୁଖ୍ୟ ଅଭିଯୁକ୍ତ ତଥା ସମ୍ପୂର୍ଣ୍ଣ ନ୍ୟୁଜ୍ ୱେବ୍ ପୋର୍ଟାଲର ମାଲିକାଣୀ ଶର୍ମିଷ୍ଠା ରାଉତ ଓ ସହଯୋଗୀ ଝୁନା ଭୋଇଙ୍କଠାରୁ ନୂଆ ତଥ୍ୟ ପାଇଛି କ୍ରାଇମବ୍ରାଞ୍ଚ। ମାନସ ମେମୋରି ଚିପ୍ ନେଇଯିବା ସହ ବ୍ଲାକ୍‌ମେଲ କରିଥିଲେ। ଚିପ୍ ବଦଳରେ ସେ ଶର୍ମିଷ୍ଠାଙ୍କୁ ୧୦ହଜାର ଟଙ୍କା ଓ ତାଙ୍କ କ୍ୟାମେରା ଫେରାଇବାକୁ ଦାବି କରିଥିଲେ। ତଦନ୍ତରୁ ଏହା ଜଣାପଡ଼ିବା ପରେ ଉକ୍ତ ଚିପ୍ ପାଇବା ଆଶାରେ ତଦନ୍ତକାରୀ ଟିମ୍ ନୟାଗଡ଼ ଜିଲା ରଣପୁର ଥାନା ମଝିଆଖଣ୍ଡ ଗୋଡ଼ିପୋଖରୀସ୍ଥିତ ମାନସଙ୍କ ପୈତୃକ ଘରକୁ ଯାଇ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ଯାଞ୍ଚ କରିଥିଲା। ଏଥିସହ ମାନସ ରହିଥିବା ଭୁବନେଶ୍ୱରର ଦୁଇ ସ୍ଥାନରେ ମଧ୍ୟ ତନାଘନା କରିଥିଲା। ଚିପ୍‌କୁ ନେଇ ତଦନ୍ତ ଜାରି ରହିଥିବା ବୁଧବାର କ୍ରାଇମବ୍ରାଞ୍ଚ ପ୍ରେସ ବିବୃତ୍ତିରେ ସୂଚନା ଦେଇଛି।

ସାକ୍ଷୀ ଓ ତଦନ୍ତ ଆଧାରରେ କ୍ରାଇମବ୍ରାଞ୍ଚ ସୂଚନା ଦେଇଛି ଯେ, ମାନସ ଜାନୁୟାରୀ ୧୦ରୁ ଭୁବନେଶ୍ୱର ଏୟାରଫିଲ୍ଡ ଥାନାଞ୍ଚଳରେ ଥିବା ଦୟାଲ ଆଶ୍ରମରେ ରହୁଥିଲେ। ଜାନୁୟାରୀ ୩୦ରେ ଶର୍ମିଷ୍ଠା ଓ ଅନ୍ୟତମ ଅଭିଯୁକ୍ତ ସୂଚନା ଓ ଲୋକସମ୍ପର୍କ ବିଭାଗର ପୂର୍ବତନ ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ସେଠୀ ତାଙ୍କୁ ସମ୍ପୂର୍ଣ୍ଣ ନ୍ୟୁଜ୍ ଅଫିସ୍‌କୁ ଡାକି ଭିଡିଓ ସହ ଚିପ୍ ଫେରାଇବାକୁ କହିଥିଲେ। ସେଠାରେ ଉଭୟ ମାନସଙ୍କୁ ମାଡ଼ ମାରିଥିଲେ। ଏହାପରେ ମାନସଙ୍କୁ ସେମାନେ ନିକଟରେ ଥିବା ଦୟାଲ ଆଶ୍ରମକୁ ନେଇ ସେ ରହୁଥିବା ଘରେ ଚିପ୍ ଖୋଜାଖୋଜି କରିଥିଲେ। ଏହାପରଦିନ ଅର୍ଥାତ୍ ଜାନୁୟାରୀ ୩୧ରେ ମାନସ ଦୟାଲ ଆଶ୍ରମ ଛାଡ଼ି ଭୁବନେଶ୍ୱରର ଭିନ୍ନ ଭିନ୍ନ ସ୍ଥାନରେ ରହିଥିଲେ। ଏହାପରେ ତାଙ୍କଠାରୁ ଛଡ଼ାଇ ନିଆଯାଇଥିବା କ୍ୟାମେରା ଓ ୧୦ ହଜାର ଟଙ୍କା ଦେଲେ ଚିପ୍ ଫେରାଇ ଦେବେ ବୋଲି ମାନସ ଶର୍ମିଷ୍ଠାଙ୍କୁ କହିଥିଲେ। ଫେବୃୟାରୀ ୫ରେ ସହଯୋଗୀ ଦୀପକଙ୍କ ସହ ମାନସ ବାହାଘର ଶୁଟ୍ ପାଇଁ ଭଦ୍ରକ ଚାନ୍ଦବାଲିକୁ ଯାଇଥିଲେ। ଏହା ଜାଣିବା ପରେ ଶର୍ମିଷ୍ଠା ଅନ୍ୟ ଅଭିଯୁକ୍ତଙ୍କ ସହ ମିଶି ପଳାଶପୁର ଗ୍ରାମରୁ ମାନସଙ୍କୁ ଅପହରଣ କରି ନିଜ କାର୍‌ରେ ତାଙ୍କୁ ଦୟାଲ ଆଶ୍ରମକୁ ନେଇ ଆସିଥିଲେ। ଚିପ୍ ପାଇବା ପାଇଁ ତାଙ୍କୁ ନାନା ନିର୍ଯାତନା ଦେବା ସହ ଶେଷରେ ହତ୍ୟା କରିଥିଲେ।

ଚିପ୍ ପାଇଁ ମାନସଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲେ ମଧ୍ୟ ସେଥିରେ ଏମିତି କ'ଣ ଥିଲା ଜଣାପଡିନାହିଁ। ଉକ୍ତ ଚିପ୍ ମିଳିଲେ ଏଭଳି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିପାରିଥାନ୍ତା। ଯେହେତୁ ମାନସ ଏବେ ମୃତ, ତେଣୁ ମେମୋରି ଚିପ୍ ପାଇବା କ୍ରାଇମବ୍ରାଞ୍ଚ ପାଇଁ କଷ୍ଟକର ହୋଇପଡ଼ିଛି। ମାନସଙ୍କ ରହଣି ସ୍ଥାନ ଓ ସମ୍ପର୍କୀୟଙ୍କ ସହ ଯୋଗଯୋଗ କରି ଉକ୍ତ ଚିପ୍ ପାଇବା ପାଇଁ କ୍ରାଇମବ୍ରାଞ୍ଚ ଯଥାସମ୍ଭବ ଚେଷ୍ଟା ଜାରି ରଖିଛି। ସେପଟେ ଶର୍ମିଷ୍ଠା ଓ ଝୁନାଙ୍କ ରିମାଣ୍ଡ ସରିଥିବାରୁ ଉଭୟଙ୍କୁ ଗୁରୁବାର ଅପରାହ୍ନ ୧ଟାରେ କ୍ରାଇମବ୍ରାଞ୍ଚ ଚାନ୍ଦବାଲି ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରିବ। ତେବେ ମାନସଙ୍କ ହତ୍ୟାର କାରଣ ଓ ମେମୋରି ଚିପ୍ ରହସ୍ୟ ହୋଇ ରହିଯିବ ବୋଲି ଚର୍ଚ୍ଚା ଚାଲିଛି।

**ନୂଆ ତଥ୍ୟ ଦେଲେ ଶର୍ମିଷ୍ଠା, ଝୁନା**

- ହତ୍ୟା ପର୍ଯ୍ୟନ୍ତ ମାନସଙ୍କ ପାଖରେ ଥିଲା ଚିପ୍
- ସମ୍ପୂର୍ଣ୍ଣ ନ୍ୟୁଜ୍ ଅଫିସରେ ପୂର୍ବରୁ ମାଡ଼ ମରାଯାଇଥିଲା
- ଗୋଡ଼ିପୋଖରୀରେ ଦୁଇଦିନ ଧରି କ୍ରାଇମବ୍ରାଞ୍ଚର ଯାଞ୍ଚ

## କ୍ରାଇମ୍‌ବ୍ରାଞ୍ଚକୁ ପକ୍ଷଭୁକ୍ତ କରିବା ଲାଗି ନିର୍ଦ୍ଦେଶ

କଟକ ଅଫିସ, ୬।୪

କ୍ୟାମେରାମ୍ୟାନ୍ ମାନସ ସ୍ୱାଇଁ ହତ୍ୟା ମାମଲାର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଥିଲା। ଏହି ଘଟଣାରେ ରାଜ୍ୟ ସରକାର ଜବାବ ଦାଖଲ କରିଛନ୍ତି। ଅପରପକ୍ଷେ ଏହି ଘଟଣାର ସିବିଆଇ ତଦନ୍ତ ପାଇଁ ମାନସଙ୍କ ବାପା ପଞ୍ଚାନନ ସ୍ୱାଇଁ ହାଇକୋର୍ଟରେ ପିଟିଶନ ଦାୟର କରିଥିଲେ। ହେଲେ ବିଚାରପତି ଜଷ୍ଟିସ ବିଶ୍ୱଜିତ୍ ମହାନ୍ତି ଏହାର ଶୁଣାଣି କରି ଉକ୍ତ ଘଟଣାରେ କ୍ରାଇମବ୍ରାଞ୍ଚକୁ ପକ୍ଷଭୁକ୍ତ କରିବା ପାଇଁ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ମେ' ୪ ତାରିଖରେକ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ପଞ୍ଚାନନ ପିଟିଶନରେ ଦର୍ଶାଇଛନ୍ତି, ମାନସଙ୍କ ଘର ନୟାଗଡ ଜିଲାର ରଣପୁର ଗ୍ରାମରେ । କିନ୍ତୁ ତାଙ୍କ ପୁଅର ହତ୍ୟା ସଂକ୍ରାନ୍ତ ଏଫ୍‌ଆଇଆର ଭଦ୍ରକ ଜିଲା ଚାନ୍ଦବାଲି ଥାନାରେ କରାଯାଇଛି। ତାଙ୍କ ପୁଅ ସେଠାକୁ ଶୁଟିଂ ପାଇଁ ଯାଇ ଆଉ ଘରକୁ ଫେରି ନ ଥିଲେ।। ଏ ନେଇ ସେ ଚାନ୍ଦବାଲି ଥାନାରେ ଗତ ଫେବୃୟାରୀ ୧୪ରେ ଏତଲା ଦେଇଥିଲେ। ତାଙ୍କ ପୁଅଙ୍କୁ ଅପହରଣ ପରେ ହତ୍ୟା କରାଯାଇଥିବା ନେଇ ସେ ଏତଲାରେ ଦର୍ଶାଇଥିଲେ। ଏହି ଘଟଣାରେ ବହୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିବାରୁ ତଦନ୍ତ ପ୍ରଭାବିତ ହେବା ଆଶଙ୍କା କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ତଦନ୍ତର ସ୍ଥିତି କ'ଣ ରହିଛି ସେ ସଂକ୍ରାନ୍ତରେ ଜଣାଇବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ବୁଧବାର ରାଜ୍ୟ ସରକାର ଏହି ଘଟଣାରେ ଜବାବ ଦାଖଲ କରିଥିଲେ। ବର୍ତ୍ତମାନ ଏହି ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ କରୁଛି। ଇତିମଧ୍ୟରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୂର୍ଯ୍ୟକାନ୍ତ ଦ୍ୱିବେଦୀ ଏବଂ ସୀତାକାନ୍ତ ହୋତା ମାମଲା ପରିଚାଳନା କରୁଛନ୍ତି।

## ମଙ୍ଗଳାଯୋଡ଼ିରେ ମୋଟର ବୋଟ୍ ଚାଲିବା ମାମଲା ୨୭ରେ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ

କଟକ ଅଫିସ, ୬।୪

ଚିଲିକା ମଙ୍ଗଳାଯୋଡ଼ିର ସବ୍ ଚ୍ୟାନେଲରେ ମୋଟର ବୋଟ ଚାଲିବା ଉପରେ କଟକଣା ଲାଗୁ କରିବା ପାଇଁ ଆଉ ୩ ମାସ ଦେବା ଲାଗି ମତ୍ସ୍ୟ ସମ୍ପଦ ବିଭାଗ ପକ୍ଷରୁ ସମୟ ଲୋଡ଼ାଯାଇଥିଲା। କିନ୍ତୁ ହାଇକୋର୍ଟ ଆସନ୍ତା ୨୭ ତାରିଖରେ ଏହା ଉପରେ ନିଷ୍ପତ୍ତି ନେବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଦିବାକର ବେହେରାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ. ମୁରଲୀଧର ଏବଂ ବିଚାରପତି ଜଷ୍ଟିସ ରାଧାକୃଷ୍ଣ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେବା ସହ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ୨୭ ତାରିଖକୁ ଦିନ ଧାର୍ଯ୍ୟ କରିଛନ୍ତି। ଗତ ଶୁଣାଣିରେ ହାଇକୋର୍ଟ ମଙ୍ଗଳାଯୋଡ଼ି ସବ୍ ଚ୍ୟାନେଲରେ ବିଦେଶାଗତ ପକ୍ଷୀଙ୍କ ଆଗମନ ସମୟରେ ଯେପରି ମୋଟରଚାଳିତ ଡଙ୍ଗା ନ ଚାଲିବ ସେଥିପାଇଁ ଏକ ଯୋଜନା କରିବାକୁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଏବଂ ମତ୍ସ୍ୟ ସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ମତ୍ସ୍ୟ ସମ୍ପଦ ବିଭାଗ ପକ୍ଷରୁ ଏକ ସତ୍ୟପାଠ ଦାଖଲ କରାଯାଇ କଟକଣା ଲଗାଇବାକୁ ତିନି ମାସ ସମୟ ମଗାଯାଇଥିଲା । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଶିଷ କୁମାର ମିଶ୍ର ଏହି ମାମଲା ପରିଚାଳନା କରୁଛନ୍ତି ।




ପେଟ୍ରୋଲ,ଡିଜେଲର ଦରବୃଦ୍ଧି ପ୍ରତିବାଦରେ ବୁଧବାର ନୟାଗଡ଼ ପେଟ୍ରୋଲ ପମ୍ପ ସମ୍ମୁଖରେ ସିଆଇଟିୟୁ ପକ୍ଷରୁ ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ର, ଗୋଲକ ବିହାରୀ ମୁଦୁଲି, ପବିତ୍ର ଇନ୍ଦ୍ରଜିତ୍, ସରୋଜ ନାୟକ, କୁଳମଣି ପୃଷ୍ଟି, ଜ୍ୟୋତିପ୍ରଭା ଜେନା,ଧନେଶ୍ୱର ସାହୁ ପ୍ରମୁଖ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## କାଳବୈଶାଖୀ ପ୍ରଭାବ, ବିଦ୍ୟୁତ୍ ସେବା ଠପ୍

ଦାରିଙ୍ଗବାଡ଼ି,୬।୪(ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ବୁଧବାର ଅପରାହ୍ନରେ କାଳ ବୈଶାଖି ହୋଇଛି। ଏହାର ପ୍ରଭାବରେ ବଡ଼ ବଡ଼ ଗଛ ରାସ୍ତା ଉପରେ ପଡ଼ିବା ସହ ଏକାଧିକ ସ୍ଥାନରେ ବିଦ୍ୟୁତ୍ ଯୋଗାଣରେ ବ୍ୟାହତ ହୋଇଛି। ବିଶେଷ କରି ଦାରିଙ୍ଗବାଡ଼ିର ରାଇକିଆଠାରୁ ବାଡାବାଙ୍ଗା ମଧ୍ୟରେ ବଡ ବଡ ଗଛ ପଡ଼ି ବିଦ୍ୟୁତ୍ ତାର ଛିଣ୍ଡିଯାଇଛି। ସେହିପରି ଉକ୍ତ ବ୍ଲକ ସମେତ ପଡୋଶୀ ରାଇକିଆ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ କୁଆପଥର ସହ ବିଜୁଳି ଓ ଘଡ଼ଘଡ଼ି ହୋଇଛି। ବର୍ଷା କାରଣରୁ ଅଞ୍ଚଳରେ ଗରମରୁ ତ୍ରାହି ମିଳିଛି। ଫୁଲକୋବି, ବନ୍ଧା ଏବଂ ବିଭିନ୍ନ ପନିପରିବା ଚାଷୀଙ୍କୁ ଏହି ବର୍ଷା ବହୁତ ଫାଇଦା ଦେଉଥିବା ବେଳେ ମହୁଲ ଫୁଲ ଗୁଡ଼ିକ ବର୍ଷାରେ ନଷ୍ଟ ହେବା ସମ୍ଭାବନା ରହିଛି ବୋଲି ଅଞ୍ଚଳର ମହୁଲ ଫୁଲ ସଂଗ୍ରହକାରୀମାନେ କହିଛନ୍ତି। ଏବେ ମହୁଲ ଫୁଲ କୁଇଣ୍ଟାଲ ୨୮ଶହ ଟଙ୍କା ରହିଥିବା ବେଳେ ଏହା କ୍ଷତି ପହଞ୍ଚାଇବା ବୋଲି କୁହାଯାଇଛି। ଅନ୍ୟପଟେ ଦାରିଙ୍ଗବାଡି ନିକଟ ସାଙ୍ଗୁଡୁମାହା ଗ୍ରାମରେ ଏକ ଗଛ ତଳେ ଆଶ୍ରୟ ନେଇଥିବା ୧୦ଟି ବଳଦଙ୍କ ବଜ୍ରପାତରେ ମୃତ୍ୟୁ ହୋଇଛି।



ସିମନବାଡ଼ି-ରାଇକିଆ ପୂର୍ତ୍ତବିଭାଗ ରାସ୍ତାର ଗଦଡ଼ି ନିକଟରେ ବିରାଟ ଗଛ ଭାଙ୍ଗି ପଡ଼ିଥିବାରୁ ଗାଡ଼ି ଚଳାଚଳରେ ସମସ୍ୟା ଦେଖାଯାଇଛି।

## ଅଷ୍ଟଦଣ୍ଡ ମହାମିଳନ ଯାତ୍ରା

ଆସିକା,୬।୪(ଡି.ଏନ.ଏ.)

ଆସିକା-ବ୍ରହ୍ମପୁର ମୁଖ୍ୟରାସ୍ତା ଆସିକା ବ୍ଲକ ଅନ୍ତର୍ଗତ ନଳବଣ୍ଟା ଗ୍ରାମରେ ବୁଧବାର ଅଷ୍ଟଦଣ୍ଡ ମହାମିଳନ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ରାମଚନ୍ଦ୍ରପୁର, ପୁନାନ୍ଦ, ପୁରୁଣାଗଡ, ଆମୁଆବାଡି, ଏସ୍.ଗୋବିନ୍ଦପୁର, ଇନ୍ଧନପୁର, ଭେଟନଇ ଓ ଡୁଙ୍ଗାପଡା ଦଳ ସାମିଲ ହୋଇଥିଲେ। ପାରମ୍ପରିକ ଧୂଳିଦଣ୍ଡ, ପାଣିଦଣ୍ଡ ପରେ ସନ୍ଧ୍ୟାରେ ୮ ଯାକ ଦଣ୍ଡନାଚ ଦଳର ମହାମିଳନ ଯାତ୍ରା ଅନୁଷ୍ଠିତ ହୋଇଥିଲା। ନଳବଣ୍ଟା ଗ୍ରାମର ନୂଆସାହି, ବଡସାହି, ରୋଡସାହି, ଠାକୁରାଣୀ ସାହି, ବିଜିପୁର ଛକ, ପାଟଣା ସାହି, କୋଳି ସାହି ଓ ହରିଜନ ସାହିରେ ଦଣ୍ଡନାଚ ଦଳ ସେମାନଙ୍କର ଦଣ୍ଡଯାତ୍ରା ପାଳିତ କରିଥିଲେ। ନଳବଣ୍ଟା ଗ୍ରାମବାସୀଙ୍କ ସମ୍ମିଳିତ ଉଦ୍ୟମରେ ଏହି ଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ସରପଞ୍ଚ ଭଗବାନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ୨୧ଜଣିଆ କମିଟି ଓ ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ଘରେ ପଶି ଲୁଟ୍

ଆସିକା,୬।୪(ଡି.ଏନ.ଏ.)

ଗାଙ୍ଗପୁର ଥାନା ଅନ୍ତର୍ଗତ ବଡବୋରସିଂ ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ସେହି ଗ୍ରାମର ଅନ୍ତର୍ଯ୍ୟାମି ସ୍ୱାଇଁ, କୃଷ୍ଣ ସ୍ୱାଇଁ, ମଧୁ ସ୍ୱାଇଁ ପ୍ରମୁଖଙ୍କ ଘରେ ଲୁଟ ହୋଇଛି। କଳାମୁଖା ପିନ୍ଧି ମାରଣାସ୍ତ୍ର ସହିତ ଦୁର୍ବୃତ୍ତମାନେ ପରିବାରର ମୁଖିଆଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଘରେ ପଶି କାତି ଦେଖାଇ ସୁନା ଅଳଙ୍କାର ଓ ଦାମିକିଆ ଶାଢୀ ସହ ନଗଦ ଟଙ୍କା ମଧ୍ୟ ଲୁଟି ନେଇଛନ୍ତି। ଏପରିକି ଦଣ୍ଡନାଚ ଲାଗି ଆସିଥିବା କେତେକ କଳାକାରଙ୍କ ବସାଘରେ ମଧ୍ୟ ପଶି ଦୁର୍ବୃତ୍ତ ଲୁଟିଛନ୍ତି । ଗାଙ୍ଗପୁର ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

## ଅଭିଯୁକ୍ତ ଶ୍ରୀକୃଷ୍ଣଙ୍କ ଲାଗି କଠୋର ଜାମିନ ସର୍ତ୍ତ

ଛତ୍ରପୁର,୬।୪(ଡି.ଏନ.ଏ.)

**ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ଠକେଇ ମାମଲା**

ଗଞ୍ଜାମ ଜିଲା ଛତ୍ରପୁର ଏସ୍‌ଡିଜେଏମ୍ କୋର୍ଟରେ ଅର୍ଥତତ୍ତ୍ୱ ଚିଟଫଣ୍ଡ ମୁଖ୍ୟ ପ୍ରଦୀପ ସେଠୀଙ୍କ ସହ ଅଭିଯୁକ୍ତ ଶ୍ରୀକୃଷ୍ଣ ପାଢ଼ୀଙ୍କ ତରଫରୁ ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ଜାମିନ ଆବେଦନ କରାଯାଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଗତ ଫେବୃୟାରୀ ୨୮ରେ ଅର୍ଥତତ୍ତ୍ୱ ଗ୍ରୁପର ଅନ୍ୟତମ ନିର୍ଦ୍ଦେଶକ ଶ୍ରୀକୃଷ୍ଣ ପାଢ଼ୀଙ୍କୁ ଜାମିନ ପ୍ରଦାନ କରିବାକୁ ଛତ୍ରପୁର ଏସ୍‌ଡିଜେଏମ କୋର୍ଟରେ ଆବେଦନ କରାଯାଇଥିଲା। ବର୍ତ୍ତମାନ ଇନଚାର୍ଜ ଏସ୍‌ଡିଜେଏମ ଥିବା ପ୍ରଜ୍ଞା ପାରମିତା ପ୍ରତିହାରୀ ଉକ୍ତ ଜାମିନ ଆବେଦନ ଶୁଣାଣି କରିଥିଲେ। ଏହି ମାମଲାରେ ସରକାରଙ୍କ ପକ୍ଷ ରଖୁଥିବା କ୍ୟାଡ଼ର ଏପିପି ରାଜେଶ କୁମାର ମିଶ୍ର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ ଶ୍ରୀକୃଷ୍ଣ ପାଢ଼ୀ ପ୍ରତି ତାରିଖରେ ନିମ୍ନ କୋର୍ଟରେ ହାଜର ରହିବେ, ପ୍ରଦୀପ ସେଠୀଙ୍କ ପାଇଁ ଥିବା କଠୋର ସର୍ତ୍ତ ଶ୍ରୀକୃଷ୍ଣଙ୍କ ପାଇଁ ମଧ୍ୟ ରଖାଯାଉ ବୋଲି ଯୁକ୍ତି ଉପସ୍ଥାପନ କରିଥିଲେ। ଯେପରିକି ତାଙ୍କ ପାସପୋର୍ଟ ଜବତ କରିବା, ବାହାରକୁ ଯିବା ସମୟରେ ଛତ୍ରପୁର ଏସଡିଜେଏମଙ୍କ ଅନୁମତି ନେବା, ଉପରୋକ୍ତ ମାମଲାରେ ଏକଲକ୍ଷ ଟଙ୍କା ଜାମିନ ବଣ୍ଡ ଓ ଦୁଇ ଜାମିନଦାର ଦେଲେ ଜାମିନ ମିଳିବ ସେହି ସବୁ ସର୍ତ୍ତ ରଖାଯାଉ ବୋଲି ଯୁକ୍ତି ଉପସ୍ଥାପନ ହୋଇଥିଲା। ଉକ୍ତ ଯଥାର୍ଥ ଯୁକ୍ତି ସବୁ ଗ୍ରହଣ ହୋଇ ଶ୍ରୀକୃଷ୍ଣଙ୍କୁ ଜାମିନ ପ୍ରଦାନ କରାଯାଇଥିଲା।

ସୂଚନାଯୋଗ୍ୟ, ଅର୍ଥତତ୍ତ୍ୱ ଗ୍ରୁପର ବିଭିନ୍ନ ଚିଟଫଣ୍ଡ ମାମଲାରେ ଅଭିଯୁକ୍ତ ଭାବେ ୨୦୧୩ ମେ ୩୦ ତାରିଖରୁ ଏ ପର୍ଯ୍ୟନ୍ତ ଶ୍ରୀକୃଷ୍ଣ ପାଢ଼ୀ ଜେଲରେ ବିଚାରାଧୀନ କଏଦୀ ଭାବେ ଅଛନ୍ତି। ଛତ୍ରପୁରରେ ଅର୍ଥତତ୍ତ୍ୱ ଚିଟଫଣ୍ଡ ସଂସ୍ଥାର ଏକ ଅସ୍ଥାୟୀ କାର୍ଯ୍ୟାଳୟ ଥିଲା। ସେଠାରେ କଣମଣା ଗ୍ରାମର ଦେବରାଜ ସାହୁ ୨୦୧୦ ଡିସେମ୍ବର ୧ ତାରିଖରେ ଏକଲକ୍ଷ ଟଙ୍କା ଜମା କରିଥିଲେ। ପରେ ଏହି ସଂସ୍ଥା ବନ୍ଦ ହେବା ସହ ରାତାରାତି ଜମାଟଙ୍କା ହଡ଼ପ କରିଥିବା ଅଭିଯୋଗକ୍ରମେ ଛତ୍ରପୁର ଥାନାରେ ନଂ.୬୮/୨୦୧୩ରେ ମାମଲା ପଞ୍ଜିକୃତ ହୋଇଥିଲା ଓ ଜିଆର ୧୩୫/୧୩ରେ ଛତ୍ରପୁର କୋର୍ଟରେ ଉକ୍ତ ମାମଲା ବିଚାରାଧୀନ ରହିଛି। ଗତବର୍ଷ ଛତ୍ରପୁର ଏସଡ଼ିଜେଏମ କୋର୍ଟରେ ଶ୍ରୀକୃଷ୍ଣ ପାଢ଼ୀଙ୍କ ଜାମିନ ଆବେଦନ ଖାରଜ ହୋଇଥିଲା । ପରେ ସେ ଏଡିଜେ କୋର୍ଟରେ ଆବେଦନ କରିଥିଲେ ମଧ୍ୟ ତାହା ଖାରଜ ହୋଇଥିଲା । ଏହା ବିରୋଧରେ ସେ ଉଚ୍ଚନ୍ୟାୟାଳୟରେ ଆବେଦନ କରିଥିଲେ।

## କୃଷି ସୂଚନା ପ୍ରସାରଣ କମିଟିଙ୍କ ଏକାଭିମୁଖୀ ବୈଠକ

ବୁଗୁଡ଼ା, ୬।୪(ଡି.ଏନ.ଏ.)

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ବୁଗୁଡ଼ା ତରଫରୁ କୃଷି ସୂଚନା ପ୍ରସାରଣ କମିଟି ଓ କୃଷି ବୈଷୟିକ ଦଳଙ୍କ ଏକାଭିମୁଖୀ ବୈଠକ ବୁଗୁଡ଼ା କୃଷି କାର୍ଯ୍ୟାଳୟ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବୁଗୁଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା କେ.ପ୍ରିୟଦର୍ଶନୀ ଆଚାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ବୁଗୁଡ଼ା କୃଷି ପରାମର୍ଶ କମିଟି ଅଧ୍ୟକ୍ଷ ମକୁନ୍ଦ ନାୟକ, ବୁଗୁଡ଼ା ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି କେ. କୁନା ଆଚାରୀ ପ୍ରମୁଖ ଯୋଗଦେଇ କୃଷକମାନଙ୍କ ଉନ୍ନତି ପାଇଁ ସରକାରଙ୍କ ତରଫରୁ କରାଯାଉଥିବା ବିଭିନ୍ନ ଯୋଜନାର ସଫଳ ରୂପାୟନ କିପରି କରାଯାଇପାରିବ ସେ ବିଷୟରେ ବକ୍ତବ୍ୟ ଦେଇଥିଲେ। ବୁଗୁଡ଼ା ବ୍ଲକ ସହକାରୀ କୃଷି ଅଧିକାରୀ ନିହାର ରଞ୍ଜନ ପୃଷ୍ଟିଙ୍କ ସଂଯୋଜନାରେ କରାଯାଇଥିବା ଉକ୍ତ କାର୍ଯ୍ୟକ୍ରମରେ ସହକାରୀ କୃଷି ଅଧିକାରୀ ସ୍ୱାଗତିକା ପତି, ସହକାରୀ ପ୍ରାଣୀଧନ ଅଧିକାରୀ ଡା. ପିଙ୍କି ସାହୁ, ମୃତ୍ତିକା ସଂରକ୍ଷଣ ଅଧିଦର୍ଶକ ଅଯୋଧ୍ୟାପତି ରାମ ପ୍ରମୁଖ ଯୋଗଦେଇଥିଲେ।

## ଭଞ୍ଜନଗରର ଚନ୍ଦନ ସାହୁ ଜିତିଲେ ରୌପ୍ୟ

**ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା**

ଭଞ୍ଜନଗର,୬।୪(ଡି.ଏନ.ଏ)

ରାଉରକେଲାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଭଞ୍ଜନଗର ତେଲି ସାହିର ଚନ୍ଦନ ସାହୁ ରୌପ୍ୟ ପଦକ ଜିତିଛନ୍ତି। ୭୦ କେଜି ବର୍ଗରେ ଦ୍ୱିତୀୟ ସ୍ଥାନ ଅଧିକାର କରି ବିଜୟୀ ହୋଇଛନ୍ତି। ଏହାପୂର୍ବରୁ ଗତ ଫେବୃୟାରୀରେ ବାଲେଶ୍ୱରରେ ଅନୁଷ୍ଠିତ ପ୍ରତିଯୋଗିତାରେ ୭୦ କେଜି ବର୍ଗରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। କରୋନା ମହାମାରୀ ବ୍ୟାପିବା ପୂର୍ବରୁ ମଧ୍ୟ ଚନ୍ଦନ ଅନେକ ପ୍ରତିଯୋଗିତାରେ ଭାଗ ନେଇ ସଫଳ ହୋଇଥିଲେ।



ଚନ୍ଦନ ସାହୁ ।

ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସଫଳ ହୋଇଥିବାରୁ ଭଞ୍ଜନଗରବାସୀ ଖୁସିବ୍ୟକ୍ତ କରିବା ସହ ବହୁ ବିଶିଷ୍ଟ ବ୍ୟକ୍ତି ଚନ୍ଦନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସୂଚନାଯୋଗ୍ୟ, ଚନ୍ଦନଙ୍କ ବାପା ତଥା ଭଞ୍ଜନଗର କଲେଜର କର୍ମଚାରୀ ରଙ୍କନିଧି ସାହୁ ମଧ୍ୟ ଜଣେ ବଡ଼ି ବିଲଡ଼ର ଥିଲେ।

## ଗାଁ ସାଥୀ ସଂଘର ୫ ଦଫା ଦାବି ନେଇ ଫେରାଦ

ଗଞ୍ଜାମ,୬।୪(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ଗାଁ ସାଥୀ (ମେଟ୍) ସଂଘ ପକ୍ଷରୁ ୫ ଦଫା ଦାବି ନେଇ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ଓ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱଜିତ ରାୟଙ୍କ ନିକଟରେ ଫେରାଦ ହୋଇଛନ୍ତି। ଏଥି ସହିତ ନବ ନିର୍ବାଚିତ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ଅନ୍ତର୍ଯାମୀ ବେହେରାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ୨୦୦୮ରେ ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ବଳରେ ପ୍ରତ୍ୟେକ ରାଜସ୍ୱ ଗ୍ରାମରୁ ସର୍ବାଧିକ ଶିକ୍ଷାଗତ ଆଧାରରେ ଚୟନ ହୋଇ ଦୀର୍ଘ ୧୩ ବର୍ଷ ଧରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକୁ ସଫଳ ଭାବେ କାର୍ଯ୍ୟକାରୀ କରି ଆସୁଥିବା ବେଳେ ବର୍ତ୍ତମାନ କିଛି ନବ ନିର୍ବାଚିତ ସରପଞ୍ଚ ଆଗରୁ କାର୍ଯ୍ୟକରି ଆସୁଥିବା ଆମ ଗାଁ ସାଥୀଙ୍କୁ ବାଦ୍‌ଦେଇ ନିଜର କିଛି ଅନୁଗତଙ୍କ ଦ୍ୱାରା ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ କରୁଛନ୍ତି। ଏଥିସହ ପାଞ୍ଚ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟରତ ସମସ୍ତ ଗାଁ ସାଥୀଙ୍କ ଦ୍ୱାରା ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକୁ ସମ୍ପାଦନ କରିବା ପାଇଁ ସରପଞ୍ଚମାନଙ୍କୁ ଚିଠି କରାଯାଉ, ୨୦୨୧-୨୨ ବର୍ଷର ବକେୟା ଥିବା ଗାଁ ସାଥୀମାନଙ୍କ ମଜୁରି ଧାର୍ଯ୍ୟଥିବା ସମୟ ସୀମା ମଧ୍ୟରେ ଅନଲାଇନରେ ଏଣ୍ଟ୍ରି କରାଯାଉ, ରେଜିଷ୍ଟର ଗାଁ ସାଥୀମାନଙ୍କ ଦ୍ୱାରା ଏନ୍‌ଏମ୍‌ଏମ୍‌ଏସ କରାଯାଉ, ସମସ୍ତ ଗାଁ ସାଥୀଙ୍କୁ ପରିଚୟପତ୍ର ପ୍ରଦାନ କରାଯାଉ, ଏନ ଗୋଇଂ ପ୍ରୋଜେକ୍ଟକୁ କ୍ଲୋଜ କରିବା ପୂର୍ବରୁ ଗାଁ ସାଥୀମାନଙ୍କୁ ଅବଗତ କରାଯାଉ ପ୍ରମୁଖ ୫ ଦଫା ଦାବି ସମ୍ବଳିତ ପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ଦଣ୍ଡପାଣି ଦାସ, ସମ୍ପାଦକ ବସନ୍ତ କୁମାର ଚାନ୍ଦ, କୋଷାଧ୍ୟକ୍ଷ କେ.ଲିଙ୍ଗରାଜ ରେଡ୍ଡୀ, ପ୍ରଶ୍ନ କୁମାର ନାୟକ, ରମେଶ ଚନ୍ଦ୍ର ବେହେରା, ସତ୍ୟ ପ୍ରଧାନ, ଜେ. ସେବତୀ, ସନ୍ତୋଷ କୁମାର ଦାସ, ଭ୍ରମରବର ଗୌଡ଼ ପ୍ରମୁଖଙ୍କ ସହ ଅନ୍ୟ ଗାଁ ସାଥୀମାନେ ଉପସ୍ଥିତ ଥିଲେ।




ଗାଁ ସାଥୀ(ମେଟ) ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ।